

ଟିପ୍ପଣୀ

# ୩୨
# ସ୍ଥିତି ଅଧ୍ୟୟନ ମାଧ୍ୟମରେ ସୁପାରିଶ
## (RE COMMENDATIONS THROUGH CASE STUDIES)

ଆମେ ଏ ପର୍ଯ୍ୟନ୍ତ ସ୍ଥାନୀୟ ଯୋଜନାର ବିଭିନ୍ନ ପରିସର ଏବଂ ତଥ୍ୟ / ସୂଚନାର ପ୍ରକ୍ରିୟାକରଣ ପ୍ରୟୋଗ କୌଶଳ ବିଷୟରେ ଅଧ୍ୟୟନ କରିଛୁ । ଏହି ପରିସରଗୁଡ଼ିକ (Dimensions) ବିଭିନ୍ନ ଭୌଗଳିକ ବ୍ୟବସ୍ଥା ବା ବିନ୍ୟାସ (Set up)ରେ ସ୍ଥିତି ଅଧ୍ୟୟନ ସଞ୍ଚାଳନ କରିବାରେ ସହାୟତା କରିବ । ଆମେ ତୁମ କାର୍ଯ୍ୟକୁ ଅଧିକ ସୁବିଧାଜନକ କରିବା ପାଇଁ, ଚାରୋଟି ସ୍ଥିତି ଅଧ୍ୟୟନର ଆଲୋଚନା କରୁଛୁ । ଏହି ସ୍ଥିତି ଅଧ୍ୟୟନ ଗୁଡ଼ିକ ବଜାର, ବସ୍ତି, ଆଦିବାସୀ ଏବଂ ପାହାଡ଼ିଆ ଅଞ୍ଚଳ ସହ ସମ୍ପର୍କିତ ଅଟେ । ଏହି ଏକକରେ (ଅଧ୍ୟୟନରେ) ଆମେ ଏହି ସ୍ଥିତି ଅଧ୍ୟୟନ ଗୁଡ଼ିକର ବିସ୍ତୃତ ବିବରଣ ପ୍ରଦାନ କରିଛୁ ।

### ଉଦ୍ଦେଶ୍ୟ


ଏହି ପାଠଟିକୁ ଅଧ୍ୟୟନ କରିସାରିବା ପରେ, ତୁମେ :

- ସ୍ଥିତି ଅଧ୍ୟୟନକୁ ପଢ଼ିବାର ଯୌକ୍ତିକତାର ଯଥାର୍ଥତା ପ୍ରତିପାଦନ କରିପାରିବ;
- ବିଭିନ୍ନ ସ୍ଥିତି ଅଧ୍ୟୟନ ଏବଂ ସେମାନଙ୍କର ସ୍ଥାନୀୟ ଅଞ୍ଚଳର ମହତ୍ତ୍ୱ ବିଷୟରେ ଅବଗତ ହୋଇପାରିବ;
- ବିଭିନ୍ନ ଭୌଗଳିକ ବିନ୍ୟାସ ଅନ୍ତର୍ଗତ ସ୍ଥିତି ଓ ଅବସ୍ଥା ଗୁଡ଼ିକର ତୁଳନା କରିପାରିବ;
- ସ୍ଥାନୀୟ ଅଞ୍ଚଳର ଭୌଗଳିକ ଅବସ୍ଥା ଏବଂ ସାମାଜିକ - ଅର୍ଥନୈତିକ ବିକାଶ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା ଏବଂ ବିଶ୍ଳେଷଣ କରିପାରିବ;
- ସ୍ଥାନୀୟ ଲୋକମାନଙ୍କର ଯୋଜନା ଅଗ୍ରାଧିକାର ଏବଂ ସାମାଜିକ-ଅର୍ଥନୈତିକ ଉଦ୍‌ବେଗ ସନ୍ଦର୍ଭରେ ସ୍ଥିତି ଅଧ୍ୟୟନକୁ ବ୍ୟାଖ୍ୟା କରିପାରିବ;
- ଅଧିକତର ବିକାଶ ପାଇଁ ଯୋଜନା ପ୍ରସ୍ତାବ ପ୍ରଦାନ କରିପାରିବ;

## 32.1 ସ୍ଥିତି ଅଧ୍ୟୟନର ତାତ୍ପର୍ଯ୍ୟ (SIGNIFICANCE OF CASE STUDIES)

ଦେଶର ବିଭିନ୍ନ ଅଂଶରେ ଲୋକମାନଙ୍କର ଭୌଗୋଳିକ ବିନ୍ୟାସ, ସାମାଜିକ-ଅର୍ଥନୈତିକ ଅବସ୍ଥା ଏବଂ ବିକାଶର ସ୍ତର ସନ୍ଦର୍ଭରେ ଉଲ୍ଲେଖନୀୟ ଭିନ୍ନତା ରହିଛି । ଆମେ ପ୍ରକୃତ ବାସ୍ତବତା (Ground reaities) ଗୁଡ଼ିକୁ କ୍ଷେତ୍ର ସର୍ବେକ୍ଷଣ ସଞ୍ଚାଳନ କରି ଭଲ ଭାବରେ ବୁଝିପାରିବା । କ୍ଷେତ୍ର ସର୍ବେକ୍ଷଣର ଆଭିମୁଖ୍ୟ ସାଧାରଣତଃ ବ୍ୟବସ୍ଥିତ ବା ପ୍ରଣାଳୀ ବଦ୍ଧ (Systematic) ହୋଇଥାଏ ଏବଂ ସମସ୍ତ ପ୍ରକାର ସର୍ବେକ୍ଷଣ ପାଇଁ ଜିଜ୍ଞାସା / ପଚରାଉଚୁରା (Inquiry) ତଦନ୍ତର ନିର୍ଦ୍ଧାରିତ ମାନଦଣ୍ଡ ଅନୁସୃତ ହୋଇଥାଏ । ତଥାପି,

ଏହି ଆଭିମୁଖ୍ୟ କେତେକ ସୁନିର୍ଦ୍ଦିଷ୍ଟ ସ୍ଥିତି ଅଧ୍ୟୟନ, ଯେଉଁଗୁଡ଼ିକ ସେମାନଙ୍କର ପ୍ରକୃତି ଏବଂ ଯୋଜନା କରାଯାଇଥିବା ସମସ୍ୟା ଗୁଡ଼ିକର ସମାଧାନ କ୍ଷେତ୍ରରେ ଭିନ୍ନ ହୋଇଥା'ନ୍ତି, ପାଇଁ ପର୍ଯ୍ୟାପ୍ତ ହୋଇନଥାଏ । ଏହା ଭ୍ରମ ସୃଷ୍ଟି କରିଥାଏ ଏବଂ କେତେକ ବିଷୟକୁ ଯେଉଁଗୁଡ଼ିକ ଅନ୍ୟ ବ୍ୟବସ୍ଥା ବା ବିନ୍ୟାସରେ କମ୍ ଅର୍ଥପୂର୍ଣ୍ଣ ହୋଇଥା'ନ୍ତି, ଅନୁଚିତ ମହତ୍ୱ ପ୍ରଦାନ କରିଥାଏ । ଏପରି ଅବସ୍ଥାରେ ସ୍ଥିତି ଅଧ୍ୟୟନର ଆବଶ୍ୟକତା ପଡ଼ିଥାଏ, ଯାହା ଅଞ୍ଚଳ ଏବଂ ଲୋକ ବିନିର୍ଦ୍ଦିଷ୍ଟ ଅବସ୍ଥା ଗୁଡ଼ିକ ସହ ସମ୍ପର୍କିତ ହୋଇଥାଏ ଏବଂ ପରିସ୍ଥିତି ଗୁଡ଼ିକରୁ ବିଶ୍ଳେଷଣ କରିବାର ଉପାୟ ସବୁକୁ ଉପସ୍ଥାପନ କରିଥାଏ । ସ୍ଥିତି ଅଧ୍ୟୟନ, ଲୋକମାନଙ୍କର ନିର୍ଦ୍ଦିଷ୍ଟ ସମୂହ ଏବଂ ଅଞ୍ଚଳଗୁଡ଼ିକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ପ୍ରତିଫଳିତ କରିଥାଏ । ବିଭିନ୍ନ ସ୍ଥାନୀୟ ଅଞ୍ଚଳ ଏବଂ ଲୋକମାନଙ୍କ ପାଇଁ ଯୋଜନାର ପ୍ରାଥମିକତା ଗୁଡ଼ିକୁ ମଧ୍ୟ ପ୍ରତିଫଳିତ କରିଥାଏ । ଉଦାହରଣସ୍ୱରୂପ ବଜାର ଅଞ୍ଚଳଗୁଡ଼ିକୁ ଗାଡ଼ି ରଖିବା ସ୍ଥାନ, ଜନାକୀର୍ଣ୍ଣତା ଏବଂ ଭିଡ଼ ବିଭିନ୍ନ ସ୍ତରର ଉତ୍ପାଦକ ଏବଂ ଉପଭୋକ୍ତାଙ୍କ ପାଇଁ ବସ୍ତୁଗୁଡ଼ିକରେ ଗୁଣତା ଏବଂ ବିବିଧତା ଭଳି ବିଷୟ ବା ସମସ୍ୟା ଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥାଏ ।




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the apropriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.

© Government of India copyright, 1996

ଚିତ୍ର ୩୨.୧ ସ୍ଥିତି ଅଧ୍ୟୟନ ଗୁଡ଼ିକର ଅବସ୍ଥିତି



ଟିପ୍ପଣୀ

ଏହାର ବିପରୀତ ଆଦିବାସୀ ଅଞ୍ଚଳ ଗୁଡ଼ିକ ଦୁର୍ବଳ ପ୍ରଯୁକ୍ତିଗତ ଆଧାର (Poor Technological base), ଅସ୍ୱାସ୍ଥ୍ୟକର ପରିବେଶ, ଦାରିଦ୍ର୍ୟତା ଏବଂ ପରିବେଶ ଅବକ୍ରମଣ ଜନିତ ଅସୁବିଧା ଗୁଡ଼ିକୁ ଭୋଗ କରିଥାଆନ୍ତି ।

ବସ୍ତି ଅଞ୍ଚଳର ପ୍ରାଥମିକତା ଗୁଡ଼ିକ (Priorities) ପରିମଳ, ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା (Health and hygene) ହୋଇଥିବାବେଳେ ପାହାଡ଼ିଆ ଅଞ୍ଚଳଗୁଡ଼ିକର ପ୍ରାଥମିକତା ଗୁଡ଼ିକ ହେଲା ଅଗମ୍ୟତା (Inaccessibility), ଦୂରତା ଯୋଗୁଁ ଏକାନ୍ତତା (Remoteness), ରୁକ୍ଷ ପରିବେଶୀୟ ବାତାବରଣ । ଏହା ପ୍ରକାର୍ଯ୍ୟାତ୍ମକ ଏବଂ ବୃତ୍ତିଗତ / ବ୍ୟବସାୟିକ ସର୍ବେକ୍ଷଣ କ୍ଷେତ୍ର ପାଇଁ ମଧ୍ୟ ସତ୍ୟ ହୋଇଥାଏ । ପାହାଡ଼ିଆ ଅଞ୍ଚଳ, ମାଳଭୂମି ଏବଂ ସମତଳ ଅଞ୍ଚଳରେ କୃଷି ଉଲ୍ଲେଖନୀୟ ଭାବେ ଭିନ୍ନ ହୋଇଥାଏ । ଏହା ଏକ ବ୍ୟବସ୍ଥା / ବିନ୍ୟାସ ଭିତରେ ମଧ୍ୟ ଉଲ୍ଲେଖନୀୟ ଭିନ୍ନତା ଉପସ୍ଥାପନ କରିଥାଏ । ଉଦାହରଣସ୍ୱରୂପ ପଞ୍ଜାବର କୃଷି; ଆସାମର ସମତଳ ଅଞ୍ଚଳ ଅଥବା କେରଳ ଓ ତାମିଲନାଡୁର ଉଦ୍ୟାନ ଅଞ୍ଚଳର (Plantation Areas) କୃଷି ଠାରୁ ଭିନ୍ନ ହୋଇଥାଏ । ଏଭଳି କ୍ଷେତ୍ରରେ, ସ୍ଥିତି ଅଧ୍ୟୟନ ଅଞ୍ଚଳ ବିନିର୍ଦ୍ଦିଷ୍ଟ ଯୋଜନା ସମ୍ବନ୍ଧୀୟ ବିଷୟ ବା ସମସ୍ୟା ପାଇଁ ବାସ୍ତବିକ ଆଧାର ପ୍ରଦାନ କରିଥାଏ ।

## ସ୍ଥିତି ଅଧ୍ୟୟନର ପୃଷ୍ଠଭୂମି

ଏଠାରେ ଉପସ୍ଥାପିତ ସ୍ଥିତି ଅଧ୍ୟୟନ ଗୁଡ଼ିକ ଭୌଗୋଳିକ ବିଶ୍ଳେଷଣରେ ସେମାନଙ୍କର ମହତ୍ତ୍ୱ ସମ୍ପର୍କରେ ସଂକ୍ଷିପ୍ତରେ ଆଲୋଚିତ ହୋଇଛି । ବଜାର ଅଞ୍ଚଳର ସ୍ଥିତି ଅଧ୍ୟୟନ ସେହି ସ୍ଥାନ ସହ ସମ୍ପର୍କିତ ହୋଇଥାଏ, ଯେଉଁଠି ଲୋକମାନେ ସେମାନଙ୍କର ଉତ୍ପାଦ ଏବଂ ସେବା ଗୁଡ଼ିକ ବିକ୍ରି କରିଥାଆନ୍ତି ଏବଂ ଅନ୍ୟମାନେ ଉପଭୋଗ ଏବଂ ଅଧିକତର ପ୍ରକ୍ରିୟାକରଣ ପାଇଁ ମାଲ ଏବଂ ପଣ୍ୟ ଦ୍ରବ୍ୟଗୁଡ଼ିକ କିଣିଥାନ୍ତି । ବଜାରଗୁଡ଼ିକ ଭିନ୍ନ ଭିନ୍ନ ହୋଇଥାଏ । ଯଥା - ଗ୍ରାମୀଣ ବଜାର, ସାପ୍ତାହିକ ହାଟ, ବିଶେଷିତ ବଜାର (Specialised Market) ଏବଂ ମଲ୍ । ବଜାରର ଅଧ୍ୟୟନରେ ସାମଗ୍ରୀ ଏବଂ ସେବାଗୁଡ଼ିକର ବିନିମୟ ପାଇଁ ପାରସ୍ପରିକ କ୍ରିୟା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

ବସ୍ତିର ସ୍ଥିତି ଅଧ୍ୟୟନ ଏକ ଭୌଗୋଳିକ ପରିସ୍ଥିତି ସହ ସମ୍ପର୍କିତ ହୋଇଥାଏ । ଯେଉଁଥିରେ ଲୋକମାନଙ୍କର ଏକ ସମୂହ ମୁଖ୍ୟତଃ ଦୁର୍ବଳ ଅର୍ଥନୈତିକ ପରିସ୍ଥିତି ଯୋଗୁଁ ବାସସ୍ଥଳୀର ଖରାପ ପରିମଳ ଏବଂ ଅସ୍ୱାସ୍ଥ୍ୟକର ବାତାବରଣରେ ରହିବା ବା ବାସ କରିବା ପାଇଁ ବାଧ୍ୟ ହୋଇଥା'ନ୍ତି । ବସ୍ତିର ଅଧ୍ୟୟନ ସ୍ଥାନ ଜନିତ ସମସ୍ୟାଗୁଡ଼ିକ ପ୍ରତି ଏକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ ଏବଂ ଏଗୁଡ଼ିକ ମଧ୍ୟରୁ କେତେକ ସମସ୍ୟାକୁ ଉନ୍ନୟନ ମୂଳକ କାର୍ଯ୍ୟକଳାପ ମାଧ୍ୟମରେ ସମାଧାନ କରିବାକୁ ଚେଷ୍ଟା କରିଥାଏ ।

ଆଦିବାସୀ ଅଞ୍ଚଳର ସ୍ଥିତି ଅଧ୍ୟୟନ, ଲୋକମାନଙ୍କର ଆବାସ, ଅର୍ଥବ୍ୟବସ୍ଥା ତଥା ଲୋକମାନଙ୍କର ଏକ ସମୂହ ଯେଉଁମାନେ ଉତ୍ପାଦନ ଏବଂ ବିତରଣର ପାରମ୍ପରିକ ବିଧି ମାନି ଚଳିଥା'ନ୍ତି, ସହ ସମ୍ପର୍କିତ ହୋଇଥାଏ । ଆଦିବାସୀ ସମୂହ ସାଧାରଣତଃ ଜଙ୍ଗଲି, ପାହାଡ଼, ତୃଣଭୂମି, ଉଚ୍ଚଭୂମି ଏବଂ ନିମ୍ନଭୂମିରେ କମ୍ ଉର୍ବର ଅଞ୍ଚଳଗୁଡ଼ିକ ପରି ଦୂରସ୍ଥ ଭୌଗଳିକ କ୍ଷେତ୍ର ଗୁଡ଼ିକରେ ଅବସ୍ଥାପିତ ହୋଇଥା'ନ୍ତି । ଆଦିବାସୀ ଅଞ୍ଚଳର ଅଧ୍ୟୟନ ସ୍ପଷ୍ଟ କରିଥାଏ ଯେ ଏକ ସମୁଦାୟ ନିମ୍ନ ଉତ୍ପାଦନ ଏବଂ ନିମ୍ନ ସ୍ତରର ଭିତ୍ତି ସଂରଚନା (Infrastructures) ସତ୍ତ୍ୱେ କିପରି ପ୍ରକୃତି ସହ ଐକ୍ୟ ତାଳ (Harmony)ରେ ବାସ କରିଥାଏ । ଆଦିବାସୀ ଅଞ୍ଚଳର ଦୂରତା ଜନିତ ଏକାକୀତ୍ୱ ସେମାନଙ୍କ ସଂସ୍କୃତିକୁ ଅକ୍ଷୂର୍ଣ୍ଣ ଏବଂ ଅଭିବୃଦ୍ଧିଶୀଳ କରି ରଖିଥାଏ ଯଦ୍ୟପି ମନ୍ଥର ପରିବର୍ତ୍ତନ ସେମାନଙ୍କୁ କମ୍ ଆଧୁନିକ ଶ୍ରେଣୀ / ବର୍ଗରେ ରଖିଚାଲିଥାଏ । ପାହାଡ଼ିଆ ଅଞ୍ଚଳର ସ୍ଥିତି ଅଧ୍ୟୟନ ଭୂଭାଗର କଠୋରତା / ରୁକ୍ଷତା ସମୁଦ୍ର ପତ୍ତନ ଠାରୁ ଏହା ଉଚ୍ଚତା, ତୀବ୍ରଢ଼ାଲୁ ଏବଂ ସୀମିତ ଭୂମି ସମ୍ବଳକୁ ବ୍ୟାଖ୍ୟା କରିଥାଏ । ପରିଣାମତଃ, ସୀମିତ ଉର୍ବର ଭୂମି ଉପରେ ଚାପ ଅଧିକ ହୋଇଥାଏ । ଏହା ମନେରଖିବା ଆବଶ୍ୟକ ଯେ, ପାହାଡ଼ିଆ ଅଞ୍ଚଳଗୁଡ଼ିକ ପରିସର ଏବଂ ତାତ୍ପର୍ଯ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ହୋଇଥା'ନ୍ତି । ଉଦାହରଣସ୍ୱରୂପ, ପାହାଡ଼ିଆ ଷ୍ଟେସନ, ଉପତ୍ୟକା ଅଞ୍ଚଳ, ମଧ୍ୟମ ଢ଼ାଲୁଥିବା ଅଞ୍ଚଳଗୁଡ଼ିକରେ ଜନସଂଖ୍ୟା ଚାପ, ଭୂମିର ବିବିଧ ଧାରଣ କ୍ଷମତା ଯୋଗୁଁ ଭିନ୍ନ ଭିନ୍ନ ହୋଇଥାଏ । ତୁଷାରପାତ ପାହାଡ଼ିଆ ଅଞ୍ଚଳରେ ସ୍ଥାନ ବିନିର୍ଦ୍ଦିଷ୍ଟ ବାଧ୍ୟବାଧକତା ଅଟେ ।



ଟିପ୍ପଣୀ

ପାହାଡ଼ିଆ ଅଞ୍ଚଳରେ ସମୁଦାୟମାନେ ପ୍ରକୃତି ଦ୍ୱାରା ଆରୋପିତ ବାଧ୍ୟବାଧକତା ବା ପ୍ରତିରୋଧ ଗୁଡ଼ିକର ସମ୍ମୁଖୀନ ହେବା ପାଇଁ ସଂଗଠିତ, ସୁଗଠିତ (Well knit) ଏବଂ ଅତୁଟ ରହିଥାଆନ୍ତି ।

## ପାଠ୍ୟଗତ ପ୍ରଶ୍ନ 32.1

1. ଦେଶର ବିଭିନ୍ନ ଅଂଶରେ ବିବିଧତା ବା ଭିନ୍ନତା ସୃଷ୍ଟି କରୁଥିବା ତିନୋଟି କାରକର ତାଲିକା କର ।

   (କ) _________ (ଖ) _________ (ଗ) _________

2. ସାଧାରଣ କ୍ଷେତ୍ର ସର୍ବେକ୍ଷଣ ଏବଂ ନିର୍ଦ୍ଦିଷ୍ଟ ସ୍ଥିତି ଅଧ୍ୟୟନ ମଧ୍ୟରେ ଥିବା ଦୁଇଟି ପାର୍ଥ୍ୟକ ଲେଖ ।

   (କ) _________ (ଖ) _________

3. ନିମ୍ନରେ ପ୍ରତ୍ୟେକ ସହ ସମ୍ପର୍କିତ ଯୋଜନାର ଦୁଇଟି ଲେଖାଏଁ ପ୍ରାଥମିକତା / ଅଗ୍ରାଧିକାର ଲେଖ ।

   (i) ବଜାର ଅଞ୍ଚଳ : ଯୋଜନାର ଅଗ୍ରାଧିକାର

   (କ) _________ (ଖ) _________

   (ii) ପାହାଡ଼ିଆ ଅଞ୍ଚଳ : ଯୋଜନା ଅଗ୍ରାଧିକାର

   (କ) _________ (ଖ) _________

## 32.2 ସ୍ଥିତି ଅଧ୍ୟୟନ – 1

**ବଜାର / ସାପ୍ତାହିକ ବଜାର ସର୍ବେକ୍ଷଣ :**

ବଜାର ସ୍ଥାନ ଗୁଡ଼ିକ ସେହି ସ୍ଥଳୀ ହୋଇଥାଆନ୍ତି ଯେଉଁଠି ବିକ୍ରେତା ଓ କ୍ରେତା ଉଭୟେ ମିଳିତ ହୋଇଥା'ନ୍ତି ଏବଂ ଅର୍ଥ ପ୍ରଦାନ ମାଧ୍ୟମରେ ମାଲ୍ ଓ ପଣ୍ୟଦ୍ରବ୍ୟ ଗୁଡ଼ିକର ଆଦାନ – ପ୍ରଦାନ କରିଥା'ନ୍ତି । କ୍ରେତାମାନେ ସେମାନଙ୍କର ଆବଶ୍ୟକୀୟ ବସ୍ତୁ କିଣିଥା'ନ୍ତି ଏବଂ ବିକ୍ରେତାମାନେ ଅର୍ଥ ବିନିମୟରେ ମାଲ୍ ଓ ପଣ୍ୟଦ୍ରବ୍ୟ ଗୁଡ଼ିକ ବିକ୍ରି କରିଥାନ୍ତି । ବଜାର ସ୍ଥଳ ଗୁଡ଼ିକ ସ୍ଥୂଳତଃ ଦୁଇ ପ୍ରକାର – ସାଧାରଣ ଅଥବା ଖୁଚୁରା ବଜାର ଏବଂ ବିଶେଷିତ ଅଥବା ପାଇକାରୀ ବଜାର । ସାଧାରଣ ବଜାର ସ୍ଥଳଗୁଡ଼ିକ ପ୍ରାୟ ସମସ୍ତ ପ୍ରକାର ମାଲ୍ / ପଣ୍ୟଦ୍ରବ୍ୟ ପାଇଁ ବିପଣନ ସୁବିଧା ଉପଲବ୍ଧ କରାଇଥା'ନ୍ତି । ମାଲ୍ ବା ବସ୍ତୁ ବିକ୍ରୟ ସନ୍ଦର୍ଭରେ ପ୍ରତ୍ୟେକ ଦୋକାନ ଭିନ୍ନ ଭିନ୍ନ ହୋଇଥା'ନ୍ତି । ଖୁଚୁରା ବଜାର କେନ୍ଦ୍ର କ୍ଷେତ୍ରରେ ମାଲ୍‌ର ସଂଖ୍ୟା ଏବଂ ବିବିଧତା ସୀମିତ ରହିଥାଏ । ଏହା ସ୍ଥାନୀୟ ଏବଂ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକର ସମସ୍ତ ପ୍ରକାର ଆବଶ୍ୟକୀୟ ମାଲ୍ ଓ ପଣ୍ୟଦ୍ରବ୍ୟ ଗୁଡ଼ିକୁ ଉପଲବ୍ଧ କରାଇଥାଏ । ଖୁଚୁରା ବିପଣନ କେନ୍ଦ୍ର ଗୁଡ଼ିକର ଆକାରରେ ଅନେକ ଭିନ୍ନତା ଥାଏ । ଆବାସିକ ଅଞ୍ଚଳ ଅଥବା ଗ୍ରାମୀଣ ବିପଣନ କେନ୍ଦ୍ରର ଅଳ୍ପ କେତେକ ଦୋକାନ ଠାରୁ ଆରମ୍ଭ କରି ଖୁଚୁରା ବଜାର କେନ୍ଦ୍ର, ଦୋକାନମାନଙ୍କର ବୃହତ୍ ସମୂହ ଭଳି ବିଶାଳ ଆକାରର ହୋଇପାରେ । ବିପଣନ କେନ୍ଦ୍ରର ସଂରଚନା ଓ ସ୍ଥାୟିତ୍ୱକୁ ଆଧାର କରି ବଜାର ଗୁଡ଼ିକୁ ନିୟମିତ ଏବଂ ସାପ୍ତାହିକ ବଜାର ବିଭାଜିତ କରାଯାଇପାରେ । ନିୟମିତ ବଜାର ଗୁଡ଼ିକରେ ଦୋକାନ ଗୁଡ଼ିକର ସ୍ଥାୟୀ ଭୌତିକ ସଂରଚନା ଥାଏ ଏବଂ ଏଗୁଡ଼ିକ ନିୟମିତ ଅଥବା ଦୈନିକ (ଆଧାରରେ) ବିପଣନ ସୁବିଧା ଉପଲବ୍ଧ କରାଇଥାଆନ୍ତି । ସାପ୍ତାହିକ ବଜାର ଗୁଡ଼ିକର ନିଜର ସ୍ଥାୟୀ ଭୌତିକ ସଂରଚନା ନଥାଏ ବରଂ ଦୋକାନ ଗୁଡ଼ିକ ଭାମ୍ୟାମାଣ ହୋଇଥା'ନ୍ତି ଏବଂ ସପ୍ତାହରେ ଧାର୍ଯ୍ୟ ଦିନରେ ବିପଣନ ସୁବିଧା ପ୍ରଦାନ କରିଥା'ନ୍ତି । ଏହି ବଜାର ଗୁଡ଼ିକ ଖୋଲା ଅଥବା ଆଂଶିକ ଆଚ୍ଛାଦିତ ଅସ୍ଥାୟୀ ବସ୍ତୁ ଅଥବା ଦୋକାନ ସଦୃଶ ସଂରଚନା ହୋଇଥାନ୍ତି । ଯେଉଁ ଗୁଡ଼ିକ ଗୁଡ଼ାଇ ବନ୍ଧାଯାଇପାରେ ଏବଂ ଅନ୍ୟ ସ୍ଥାନକୁ ନିଆଯାଇପାରେ, ଯେଉଁଠି ପରବର୍ତ୍ତୀ ଦିନରେ ସାପ୍ତାହିକ ହାଟ ବସିବାର ଥାଏ । ସାପ୍ତାହିକ ବଜାର, ଗ୍ରାମୀଣ ଏବଂ ସହରୀ ଉଭୟ ଅଞ୍ଚଳର ବିବିଧ ଉପଭୋକ୍ତା ମାନଙ୍କୁ ସେବା ପ୍ରଦାନ କରିବାରେ, ମହତ୍ତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥାଏ । ପରିବାରର ପ୍ରାୟ ଅଧିକାଂଶ ଅନିବାର୍ଯ୍ୟ । ପ୍ରୟୋଜନ ଗୁଡ଼ିକ ଏହି ବଜାର





ଗୁଡ଼ିକରେ ବିକ୍ରି କରାଯାଇଥାଏ । ସାପ୍ତାହିକ ବଜାର ଗୁଡ଼ିକର ବିଭିନ୍ନ ସ୍ଥାନୀୟ ନାମ ଥାଏ ଯଥା - 'ପୈଠ୍', 'ହାଟ', 'ବଜାର' ଇତ୍ୟାଦି । ଏହି ବଜାରଗୁଡ଼ିକୁ ସପ୍ତାହର ଦିନ ମାନଙ୍କର ନାଁ ମଧ୍ୟ ଦିଆଯାଇଥାଏ ଯେପରି - ଶୁକ୍ରବାର ବଜାର, ମଙ୍ଗଳବାର ବଜାର, ରବିବାର ବଜାର ଇତ୍ୟାଦି ।

## କ୍ଷେତ୍ର କାର୍ଯ୍ୟ ସଞ୍ଚାଳନ (Conducting the field work)

କ୍ଷେତ୍ର ସର୍ବେକ୍ଷଣ ସଞ୍ଚାଳନ ଦିଗରେ ପ୍ରଥକ କାର୍ଯ୍ୟ ବଜାର କ୍ଷେତ୍ର ଚୟନ ଯାହା ତୁମ ପହଞ୍ଚ ଠାରୁ ଅତି ଦୂର ହେବା ଉଚିତ୍ ନୁହେଁ ଏବଂ ମହତ୍ତ୍ୱପୂର୍ଣ୍ଣ ହୋଇଥିବା ବାଞ୍ଛନୀୟ । ଏହା ଏକ ସାଧାରଣ ମିଶ୍ରିତ ପ୍ରକାର ବଜାର ହୋଇଥିବା ଉଚିତ୍ । କେଉଁ କେଉଁ ମାଲ୍ ଓ ପଣ୍ୟଦ୍ରବ୍ୟାଦି ବିକ୍ରି କରାଯାଉଛି, ତାହା ଜାଣିବା ପାଇଁ ଏକ ପ୍ରାରମ୍ଭିକ ସର୍ବେକ୍ଷଣ କର, ପ୍ରତ୍ୟେକ ଶ୍ରେଣୀ ବା ବର୍ଗ ଅନ୍ତର୍ଗତ ଦୁଇରୁ ପାଞ୍ଚଟି ଦୋକାନ ଚୟନ କର, ମୋଟ ସର୍ବେକ୍ଷଣ ପାଇଁ 25ଟି ଦୋକାନ ଚୟନ କରାଯାଇପାରେ । ଏହାର ପରବର୍ତ୍ତୀ ସୋପାନ ହେଲା ମୌଳିକ ସୂଚନା ସବୁ ସଂଗ୍ରହ କରିବା ଏବଂ ବଜାରର ଆଧାର ମାନଚିତ୍ର ପ୍ରସ୍ତୁତ କରିବା । ଜନସଂଖ୍ୟା, କ୍ଷେତ୍ରଫଳ ଏବଂ ନାଗରିକ ସୁଖ ସ୍ୱାଚ୍ଛନ୍ଦ୍ୟ ଭଳି ମୌଳିକ ସୂଚନା ଏବଂ ବଜାରର ମାନଚିତ୍ର ଗୁଡ଼ିକ ସ୍ଥାନୀୟ ସରକାରୀ କାର୍ଯ୍ୟାଳୟ (ପୌରପରିଷଦ, ନଗର ନିଗମ ଇତ୍ୟାଦି) ଗୁଡ଼ିକରୁ ପ୍ରାପ୍ତ କରାଯାଇପାରିବ । ମାନଚିତ୍ର ଉପଲବ୍ଧ ହେଉନଥିଲେ ରେଖାଙ୍କିତ ମାନଚିତ୍ର (Sketch maps) ପ୍ରସ୍ତୁତ କରାଯାଇପାରେ । ଏହି ମାନଚିତ୍ର ଗୁଡ଼ିକ ସ୍ଥାନର ଅନୁକ୍ରମ ଏବଂ ଦିଗ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଏବଂ ସାଧାରଣତଃ / ପ୍ରାୟତଃ ମାନ ବା ସ୍କେଲ୍ ଅନୁଯାୟୀ ତିଆରି ହୋଇନଥାଏ । ଏଭଳି ମାନଚିତ୍ର ଅଧ୍ୟୟନର ସୀମିତ ଉଦ୍ଦେଶ୍ୟ ପୂରଣ କରିଥାଏ ।

ବଜାର ସର୍ବେକ୍ଷଣର ପ୍ରକ୍ରିୟା ଉପଲବ୍ଧ ସମୟ ଏବଂ କ୍ଷେତ୍ର କାର୍ଯ୍ୟର ଉଦ୍ଦେଶ୍ୟ ଗୁଡ଼ିକ ଉପରେ ଆଧାରିତ ହେବା ଉଚିତ୍ । ଉଦାହରଣସ୍ୱରୂପ, ଯଦି ବିପଣନ କେନ୍ଦ୍ର ଛୋଟ ହୋଇଥାଏ, ତେବେ ସମସ୍ତ ଦୋକାନଗୁଡ଼ିକର ସର୍ବେକ୍ଷଣ କରାଯାଇପାରେ । ମାତ୍ର ମଧ୍ୟମ ଏବଂ ବୃହତ୍ ଆକାରରେ ବିପଣନ କେନ୍ଦ୍ର ଗୁଡ଼ିକ କ୍ଷେତ୍ରରେ, ଆମେ ପ୍ରତ୍ୟେକ ଗଳିରେ ବିଭିନ୍ନ ପ୍ରକାରର ଭିନ୍ନ-ଭିନ୍ନ ଦୋକାନ ଚୟନ କରିବା ଉଚିତ୍ । 'ରବିବାରର ହାଟ', 'ବୁଧବାରିଆ ହାଟ', 'ମଙ୍ଗଳବାର ହାଟ' ରୂପେ ପରିଚିତ ବଜାରଗୁଡ଼ିକ ମଧ୍ୟ ସର୍ବେକ୍ଷଣ କରାଯାଇପାରେ । ଏହି ବଜାରଗୁଡ଼ିକ ନିୟନ୍ତ୍ରିତ ବଜାର ବ୍ୟବସ୍ଥା ଅଧିନରେ ନିୟନ୍ତ୍ରିତ ହୋଇଥା'ନ୍ତି । ଏହି ବ୍ୟବସ୍ଥା ଅନ୍ତର୍ଗତ ସ୍ଥାନୀୟ ସରକାର (ପୌର ପରିଷଦ ଅଥବା ଗ୍ରାମ ପଞ୍ଚାୟତ) ବଜାରର ନିର୍ବିଘ୍ନ କାର୍ଯ୍ୟଶୀଳତା ପାଇଁ ନିୟନ୍ତ୍ରିତ ବଜାରର ଠିକାଦାର (ଲୋକମାନଙ୍କର ସମୂହ ଅଥବା ବ୍ୟକ୍ତି ହୋଇପାରେ) ମାନଙ୍କୁ ପ୍ରଦାନ କରିଥା'ନ୍ତି । ବଜାରର ଭଡ଼ା /ଦାମ୍ ଦୋକାନ ଦ୍ୱାରା ଅଧିକୃତ କ୍ଷେତ୍ରଫଳର ଆନୁପାତିକ ହୋଇଥାଏ । ଉଦାହରଣସ୍ୱରୂପ ଏକ ବର୍ଗ ମିଟର ସ୍ଥାନ ଅଧିକାର କରିଥିବା ଜୋତା ମରାମତି ଦୋକାନକୁ 5ଟଙ୍କା ଦେବାକୁ ପଡୁଥିବାବେଳେ 10 ବର୍ଗ ମିଟର ସ୍ଥାନ ଅଧିକାର କରିଥିବା ଦୋକାନର ଲୁଗା ବ୍ୟବସାୟୀକୁ ବଜାର ଦିନ ପାଇଁ 50 ରୁ 99 ଟଙ୍କା ଦେବାକୁ ପଡ଼ିପାରେ ।

ବିଶେଷିତ ବଜାର ଗୁଡ଼ିକ ଅଳ୍ପ କିଛି ମାଲ / ପଣ୍ୟ ଦ୍ରବ୍ୟର ବିପଣନ ସହ ସଂପୃକ୍ତ ହୋଇଥାଆନ୍ତି । ଏହି ବଜାର ଗୁଡ଼ିକର ବିଶେଷତ୍ୱ ହେଲା ଯେ ଏଗୁଡ଼ିକ ଦୋକାନମାନଙ୍କ ସମୂହ (Cluster of shops) ହୋଇଥା'ନ୍ତି ଏବଂ ଏକା ବା ଗୋଟିଏ ପ୍ରକାର ବିଶେଷିତ ପଣ୍ୟଦ୍ରବ୍ୟ ବିକ୍ରି କରିଥା'ନ୍ତି । ଏହି ବଜାର ଗୁଡ଼ିକ ଅଧିକାଂଶ ପାଇକାରୀ ବ୍ୟବସାୟ ସହ ସଂପୃକ୍ତ ରହିଥା'ନ୍ତି ଏବଂ ବିଶେଷିତ ବସ୍ତୁ / ପଣ୍ୟଦ୍ରବ୍ୟର ଗୁଣତାରେ ବିବିଧତାର ବୃହତ୍ ପରିସର ପ୍ରଦାନ କରିଥା'ନ୍ତି । ଉଦାହରଣ ଶସ୍ୟ ବଜାର / ଶସ୍ୟ ମଣ୍ଡି, ଡାଲିମାନଙ୍କର ବଜାର (ଡାଲି ମଣ୍ଡି) ଫଳ ବଜାର (ଫଳ ମଣ୍ଡି) ପନିପରିବା ବଜାର (ପରିବା ମଣ୍ଡି), ଲୁଗା ବଜାର (ବଜାର ବଜାଜା), ଅଳଙ୍କାରର ବଜାର (ବଜାର ସର୍ରାଫା), ଲିଖନ ସାମଗ୍ରୀ ଓ ଅଫିସ ବ୍ୟବହାର୍ଯ୍ୟ ବସ୍ତୁର ବଜାର ବା ସ୍ଥାନୀୟ ବଜାର (କାଗଜୀ ବଜାର) ଇତ୍ୟାଦି ।



ଟିପ୍ପଣୀ

ବଜାର ସ୍ଥଳକୁ ଗ୍ରାହକମାନେ ଉଭୟ ଆଖ-ପାଖ ଏବଂ ପଲ୍ଲୀ ଅଞ୍ଚଳରୁ ଆସିଥା'ନ୍ତି । କୃଷି ସମ୍ବନ୍ଧୀୟ କାର୍ଯ୍ୟକଳାପ ଗୁଡ଼ିକ ଋତୁକାଳୀନ ପ୍ରକୃତି ହୋଇଥିବା ଯୋଗୁଁ ଉଭୟ ଖୁଚୁରା ଏବଂ ପାଇକାରୀ ବ୍ୟବସାୟରେ ହ୍ରାସ ବୃଦ୍ଧି ହୋଇଥାଏ । ସେହିପରି ପର୍ବପର୍ବାଣି ଏବଂ ଉତ୍ସବଗୁଡ଼ିକର ସମୟରେ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଇଥାଏ । ଏହାର ବିପରୀତ, ପ୍ରତିକୂଳ ପାଣିପାଗ ଅବସ୍ଥା ସମୟରେ ବିପଣନ କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥାଏ । ଏପରିକି ବ୍ୟବସାୟ କାର୍ଯ୍ୟ ସମୟରେ ମଧ୍ୟ ଗ୍ରାହକମାନଙ୍କର ଚଳନରେ ଚରମ ବୃଦ୍ଧି ଏବଂ ହ୍ରାସ ହୋଇଥାଏ । ସାଧାରଣତଃ ପୂର୍ବାହ୍ନ 10.30ରୁ 12.30 ପର୍ଯ୍ୟନ୍ତ ଏବଂ ଅପରାହ୍ନ 4.30ରୁ ସନ୍ଧ୍ୟା 6.30 ବ୍ୟବସାୟିକ କାର୍ଯ୍ୟକଳାପର ବ୍ୟସ୍ତତମ ସମୟ ହୋଇଥାଏ । ସର୍ବେକ୍ଷଣ କରିବାକୁ ଥିବା ଦୋକାନ ଗୁଡ଼ିକୁ ଉପଯୁକ୍ତ ନମୁନା ସଂଗ୍ରହ କୌଶଳ ଆଧାରରେ ଚୟନ କରିବା ଉଚିତ୍ । ମାତ୍ର ଫଳାଫଳରେ ତ୍ରୁଟିର ସମ୍ଭାବନାକୁ ହ୍ରାସ କରିବା ପାଇଁ ନମୁନାର ପୁନରାବୃତ୍ତି ପରିହାର କରିବା ବାଞ୍ଛନୀୟ । ନମୁନା ଦୋକାନ ଏବଂ ନମୁନା ବ୍ୟବସାୟିକ କାର୍ଯ୍ୟକଳାପ (ସାଧାରଣ ବ୍ୟବସାୟୀ, ତେଜରାତି ଦୋକାନୀ, ଲୁଗା ବ୍ୟବସାୟୀ, ଲିଖନ ସାମଗ୍ରୀ ବିକ୍ରେତା ଇତ୍ୟାଦି) ଚୟନିତ କଲାପରେ ଆମେ ଦୋକାନଦ୍ୱାରୀ ବଜାର ସର୍ବେକ୍ଷଣ ସଞ୍ଚାଳନ କରିବା ଉଚିତ୍ ।

## ପାଠ୍ୟଗତ ପ୍ରଶ୍ନ 32.2

1. ନିମ୍ନଲିଖିତ ବିବୃତି ଗୁଡ଼ିକର ଏକ ଶବ୍ଦରେ ଉତ୍ତର ପ୍ରଦାନ କର ।

 (କ) ଏକ ସାନ ଯେଉଁଠି ବିକ୍ରେତା ଏବଂ କ୍ରେତା ମିଳିତ ହୋଇଥା'ନ୍ତି ଅର୍ଥ ପ୍ରଦାନ ମାଲ୍ ମାଧ୍ୟମରେ ମାଲ୍ ଓ ପଣ୍ୟ ଦ୍ରବ୍ୟ ଗୁଡ଼ିକର ଆଦାନ-ପ୍ରଦାନ କରିଥା'ନ୍ତି । ________

 (ଖ) ଦୋକାନଗୁଡ଼ିକର ସ୍ଥାୟୀ ଭୌତିକ ସଂରଚନା ଥିବା ସ୍ଥଳ ଯାହା ଦୈନିକ ଆଧାରରେ ବିପଣନ ସୁବିଧା ପ୍ରଦାନ କରିଥାଏ । ________

 (ଗ) ସପ୍ତାହରେ ଧାର୍ଯ୍ୟ ଦିନରେ ଦୋକାନ ଗୁଡ଼ିକର ଅସ୍ଥାୟୀ ସଂରଚନା ଥିବା ସ୍ଥଳ ________

 (ଘ) ଅନେକ ବିବିଧତା ଏବଂ ଗୁଣତା ଥିବା ନିର୍ଦ୍ଦିଷ୍ଟ ବସ୍ତୁ / ପଣ୍ୟଦ୍ରବ୍ୟ ସହ ସଂପୃକ୍ତ ବିପଣନ କେନ୍ଦ୍ର ________

2. ନିମ୍ନରେ ପ୍ରତ୍ୟେକର ଦୁଇଟି ଲେଖାଏଁ ବିଶେଷତ୍ୱର ତାଲିକା କର ।

 (i) ଖୁଚୁରା ବଜାର

 (କ) ________ (ଖ) ________

 (ii) ପାଇକାରୀ ବଜାର

 (କ) ________ (ଖ) ________

## 32.3 ସ୍ଥିତି ଅଧ୍ୟୟନ II

### ଝୁପୁଡ଼ି ବସ୍ତି ଅଞ୍ଚଳର ବିକାଶ : କାନପୁର ସହରର ଏକ ସ୍ଥିତି ଅଧ୍ୟୟନ

ଝୁପୁଡ଼ି ବସ୍ତି ଗୁଡ଼ିକ ସହରୀ ଗରିବ ମାନଙ୍କର ଆଶ୍ରୟ ସ୍ଥଳ ଅଟେ । ମାତ୍ର ନ୍ୟୂନତମ ସାମାଜିକ ସୁବିଧା ଏବଂ ସୁଖ ସ୍ୱାଚ୍ଛନ୍ଦ୍ୟର ଅଭାବରେ ସେଗୁଡ଼ିକ ଅସ୍ୱାସ୍ଥ୍ୟକର ଅବସ୍ଥା ବାତାବରଣ ଗୁଡ଼ିକୁ ପ୍ରତିଫଳିତ କରିଥା'ନ୍ତି । ମୁଣ୍ଡପିଛା ଆୟ ଏବଂ ରହିବା ସ୍ଥାନର ନ୍ୟୂନତମ ସ୍ତର ଦ୍ୱାରା ଅଭିଲକ୍ଷିତ ଝୁମ୍ପୁଡ଼ି ବସ୍ତିଗୁଡ଼ିକ ଭାରତରେ ଅଧିକାଂଶ ମହାନଗର ଗୁଡ଼ିକର ସହରୀ ଗରିବଙ୍କର ଆଶ୍ରୟସ୍ଥଳ ଅଟନ୍ତି । ଏକ ପ୍ରାକ୍‌କାଳୀନ ଅନୁଯାୟୀ ବଡ଼ ବଡ଼ ସହର ମାନଙ୍କରେ ଜନସଂଖ୍ୟାର ପ୍ରାୟ 20 ରୁ 40 ଶତକଡ଼ା ଝୁମ୍ପୁଡ଼ି ବାସ କରିଥା'ନ୍ତି । କ୍ରମ ବର୍ଦ୍ଧିଷ୍ଣୁ ଶିଳ୍ପାୟନ, ପୁଞ୍ଜି ଲଗାଣରେ ହେଉଥିବା ବୃଦ୍ଧି ଏବଂ ସହରାଞ୍ଚଳ ଗୁଡ଼ିକର ଚାକିରୀ ବା ଅର୍ଥ ରୋଜଗାରର ସୁଯୋଗ, ଗ୍ରାମୀଣ ପ୍ରବାସୀ ମାନଙ୍କୁ ଜୀବିକାର ଅନ୍ୟୂନ ଗୋଟିଏ ଜୀବନ ନିର୍ବାହ ମାଧ୍ୟମ ପ୍ରଦାନକୁ ନିଶ୍ଚିତ



ଟିପ୍ପଣୀ

କରି ନିରନ୍ତର ଆକର୍ଷଣ କରିଥାଏ । ମାତ୍ର ଗୃହ ନିର୍ମାଣ ଖର୍ଚ୍ଚରେ ଏବଂ ଭଡ଼ା ବୃଦ୍ଧି ଅଧିକାଂଶ ଲୋକଙ୍କୁ ଝୁମ୍ପୁଡ଼ି ବସ୍ତିରେ ରହିବା ପାଇଁ ବାଧ୍ୟ କରିଥାଏ । ଏଣୁ ଏହା ଗ୍ରାମୀଣ ଦାରିଦ୍ର୍ୟର ସହରାଞ୍ଚଳକୁ ସ୍ଥାନାନ୍ତରଣ ଅଟେ । ଝୁମ୍ପୁଡ଼ି ବସ୍ତି ଅଞ୍ଚଳରେ ରହୁଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ନିରକ୍ଷର ହୋଇଥା'ନ୍ତି । ସୁତରାଂ ସେମାନେ ନିମ୍ନ ପାରିଶ୍ରମିକ ଯୁକ୍ତ ଚାକିରୀ ଗୁଡ଼ିକରେ ନିଯୋଜିତ ହୋଇଥାଆନ୍ତି ଅଥବା ନିମ୍ନ ଆୟ ଯୁକ୍ତ ପେଶା ଗୁଡ଼ିକରେ ନିଯୋଜିତ, ହୋଇଥାଆନ୍ତି ଅଥବା ନିମ୍ନ ଆୟ ଯୁକ୍ତ ପେଶାଗୁଡ଼ିକରେ କାର୍ଯ୍ୟ କରିଥାଆନ୍ତି । ବସ୍ତି ଗୁଡ଼ିକ ସାଧାରଣତଃ କୋଲକତାରେ ବସ୍ତି, ମୁମ୍ବାଇ ଚାଲ୍, କାନପୁରରେ ଅହାତ ନାମରେ ପରିଚିତ ଅଟନ୍ତି । ଏହିପରି, ବିଭିନ୍ନ ସହରରେ ବସ୍ତି ଗୁଡ଼ିକର ଅବସ୍ଥିତି ବିନିର୍ଦ୍ଦିଷ୍ଟ ନାମ ଥାଏ । ଭାରତରେ 2001 ରେ 10 ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରମାନଙ୍କରେ ପ୍ରାୟ 1.65 କୋଟି ଲୋକ ଝୁମ୍ପୁଡ଼ି ବସ୍ତିରେ ବାସ କରୁଥିଲେ । କାନପୁର ମହାନଗର, ଉତ୍ତରପ୍ରଦେଶରେ ଗଙ୍ଗା ନଦୀର ଦକ୍ଷିଣ କୂଳରେ ଅବସ୍ଥିତ । ଭାରତୀୟ ଜନଗଣନା 2001 ଅନୁଯାୟୀ କାନପୁରର ମୋଟ ଜନସଂଖ୍ୟା 25,51,337 ଥିଲା ଏବଂ ଭାରତୀୟ ନଗରମାନଙ୍କ ମଧ୍ୟରେ ଏହା ୭ମ ସ୍ଥାନରେ ଥିଲା । 1901 ରେ 2, 02, 797 ମୋଟ ଜନସଂଖ୍ୟାରୁ ବିଗତ ଶତାବ୍ଦୀରେ ଏହି ସହରର ଜନସଂଖ୍ୟା 12.5 ଗୁଣରୁ ଅଧିକ ବୃଦ୍ଧି ହୋଇଛି । ତଦନୁସାରେ ପ୍ରତ୍ୟେକ ବର୍ଷରେ ସହରର ଜନସଂଖ୍ୟା ପ୍ରାୟ 24 ହଜାର ବୃଦ୍ଧି ପାଇଛି । ଉଦ୍ୟୋଗ, ବ୍ୟବସାୟ ଏବଂ ବାଣିଜ୍ୟର ଦ୍ରୁତ ବୃଦ୍ଧି ଉତ୍ତରପ୍ରଦେଶର ପଡ଼ୋଶୀ ଜିଲ୍ଲାମାନଙ୍କରୁ ଶ୍ରମିକ ମାନଙ୍କ ପାଇଁ ମାଧ୍ୟାକର୍ଷଣ ଶକ୍ତି ରୂପେ କାର୍ଯ୍ୟ କରିଥିଲା । ଏକ ଅଟକଳ ବା ପ୍ରାକ୍‌କଳନ ଅନୁଯାୟୀ, କାନପୁର ସହରର ପ୍ରାୟ 76.72 ଶତକଡ଼ା ଜନସଂଖ୍ୟା ସହର କେନ୍ଦ୍ରର ଜନାକୀର୍ଣ୍ଣ ଅଞ୍ଚଳରେ ବାସ କରିଥା'ନ୍ତି ।

କାନପୁର ମହାନଗରର ଝୁମ୍ପୁଡ଼ି ବସ୍ତିଗୁଡ଼ିକର କ୍ଷେତ୍ର ସର୍ବେକ୍ଷଣ ଦୁଇଟି ଆନୁକ୍ରମିକ (Succesive) ସୋପାନରେ କରାଯାଇଥିଲା । ପ୍ରଥମ ସୋପାନ ପରିମଳ, ସ୍ୱାସ୍ଥ୍ୟ ଅବସ୍ଥା ଏବଂ ସାର୍ବଜନିକ ଉପଯୋଗୀ ବସ୍ତୁରାଦିର ଉପଲବ୍ଧତା ସନ୍ଦର୍ଭରେ ଝୁମ୍ପୁଡ଼ି ବସ୍ତି ଆବାସ ଗୁଡ଼ିକର ମୋଟ ସର୍ବେକ୍ଷଣ ଉପରେ ଆଧାରିତ ଥିଲା । ଦ୍ୱିତୀୟ ସୋପାନ ନଗରର ଆଭ୍ୟନ୍ତରୀଣ ମଧ୍ୟ ଏବଂ ବାହ୍ୟ ଅଞ୍ଚଳରୁ ଯାଦୃଚ୍ଛିକ ଭାବେ (Randomly) ଚୟନିତ 25 ଟି ପରିବାରର ନମୁନା ସର୍ବେକ୍ଷଣ ସହ ସମ୍ପର୍କିତ ଥିଲା । ଏହି ସର୍ବେକ୍ଷଣ ଜନସଂଖ୍ୟାର ଆକାର, ରହିବା ବା ବାସ କରିବା ସ୍ଥାନ, ନିଯୋଜନ ଏବଂ ପରିବାର ଗୁଡ଼ିକର ଆୟ ସହ ସଂପୃକ୍ତ ଥିଲା ।

**ଜନସଂଖ୍ୟା ସଂରଚନା ଏବଂ ପରିବାରର ଆକାର (Populaiton Structure and Household Size)**

ହାରାହାରି ଝୁମ୍ପୁଡ଼ି ବସ୍ତିରେ ଗୋଟିଏ ପରିବାର କେବଳ ମାତ୍ର 10 ରୁ 15 ବର୍ଗମିଟର ସ୍ଥାନରେ ବାସ କରିଥାଏ । କାନପୁରରେ ଅଧିକାଂଶ ଝୁମ୍ପୁଡ଼ି ବସ୍ତି ଅଞ୍ଚଳଗୁଡ଼ିକରେ ଜନସଂଖ୍ୟାର ଘନତ୍ୱ ବା ସାନ୍ଦ୍ରତା ପ୍ରତି ହେକ୍ଟରରେ 3000 ରୁ 4000 ବ୍ୟକ୍ତି ମଧ୍ୟରେ ଅଟେ । ବାଣିଜ୍ୟିକ ଅନ୍ତଃସ୍ଥଳ ଏବଂ ଔଦ୍ୟୋଗିକ ପକେଟ ଦ୍ୱାରା ପରିବେଷ୍ଟିତ ଆବାସିକ ଅଞ୍ଚଳର ଏକ ସନ୍ନିହିତ ପଟି (Coutiguous belt) ଅଛି । ଆବାସୀୟ ବ୍ଲକ୍ ଗୁଡ଼ିକ ସାଧାରଣତଃ ଦ୍ୱିତଳ (ଦୁଇ ମହଲା) ଅଥବା ତ୍ରି-ତଳ ହୋଇଥା'ନ୍ତି ଏବଂ ସଂକୀର୍ଣ୍ଣ ଗଳି କିମ୍ବା ଉପଗଳି ଦ୍ୱାରା ପୃଥକୀକୃତ ହୋଇଥା'ନ୍ତି । ଝୁମ୍ପୁଡ଼ି ବସ୍ତି ଅଞ୍ଚଳ ଗୁଡ଼ିକର ସାମଗ୍ରିକ ଦୃଷ୍ଟି / ଦୃଶ୍ୟ ମାନବୀୟ ପ୍ରାକୃତିକ ନିବାସ ପାଇଁ ଅତ୍ୟଧିକ ଅସ୍ୱାସ୍ଥ୍ୟକର ବାତାବରଣ ଉପସ୍ଥାପନ କରିଥାଏ । ଭାରତର ଜନଗଣନା 2001 ଅନୁଯାୟୀ, କାନପୁର ନଗରରେ ଝୁମ୍ପୁଡ଼ି ବସ୍ତି ଗୁଡ଼ିକର ମୋଟ ଜନସଂଖ୍ୟା ଥିଲା 3, 68, 808 ।

ସାମାଜିକ ସଂରଚନା ଦୃଷ୍ଟିରୁ ଝୁମ୍ପୁଡ଼ି ବସ୍ତି ଅଞ୍ଚଳଗୁଡ଼ିକ ଅଧିକାଂଶତଃ ପୃଥକୀକୃତ ଅଞ୍ଚଳ ହୋଇଥାଆନ୍ତି । ଏହା ଦେଖାଯାଇଛି ଯେ, ଗୋଟିଏ ଝୁମ୍ପୁଡ଼ି ବସ୍ତି ଅଞ୍ଚଳରେ ମୁଖ୍ୟତଃ ଗୋଟିଏ ସାମାଜିକ ବର୍ଗ ହିଁ ରହିଥା'ନ୍ତି (ଏଇ କ୍ଷେତ୍ରରେ ହିନ୍ଦୁ କିମ୍ବା ମୁସଲମାନ) । ପୁନଶ୍ଚ, ବସ୍ତି ଅଞ୍ଚଳରେ ପ୍ରତ୍ୟେକ ସାମାଜିକ ସମୂହ ଭିତରେ ଏକ ଜାତି ସମୂହ କିମ୍ବା ନିର୍ଦ୍ଦିଷ୍ଟ ଅଞ୍ଚଳରୁ ପ୍ରବାସିତ ଲୋକମାନେ ପ୍ରାଧାନ୍ୟ ବିସ୍ତାର କରିଥା'ନ୍ତି । ପ୍ରକାର୍ଯ୍ୟାତ୍ମକ ରୂପେ, ଝୁମ୍ପୁଡ଼ି ବସ୍ତି ଅଞ୍ଚଳ ଊଣା ଅଧିକେ, ଏକା ଅର୍ଥନୈତିକ ପେଶା ଏବଂ ଅର୍ଥନୈତିକ ସ୍ତରକୁ ପ୍ରତିନିଧିତ୍ୱ କରିଥାଏ । ଅଧିକାଂଶ ଝୁମ୍ପୁଡ଼ି ବସ୍ତି ବାସିନ୍ଦା ଆର୍ଥିକ ରୂପେ ଦରିଦ୍ର ହୋଇଥା'ନ୍ତି ।

ପରିବାରର ହାରହାରି ଆକାର 6.1 ଅଟେ । ତଥାପି ଛୋଟ ଏବଂ ମଧ୍ୟମ ଆକାରର ପରିବାର ଦେଖିପାରିବ ଯେଉଁଗୁଡ଼ିକ 1.5 ବ୍ୟକ୍ତି ମଧ୍ୟରେ; ବଡ଼ ପରିବାରରେ 11 ବ୍ୟକ୍ତି ମଧ୍ୟରେ ହୋଇପାରେ ଏବଂ ଅତିବଡ଼ ପରିବାର 12 ରୁ ଅଧିକ ବ୍ୟକ୍ତିମାନଙ୍କ ହୋଇପାରେ । ଝୁମ୍ପୁଡ଼ି ବସ୍ତି ଅଞ୍ଚଳରେ କରାଯାଇଥିବା ପରିବାର ସର୍ବେକ୍ଷଣ ଦର୍ଶାଯାଇଛି ଯେ, 38.4 ଶତକଡ଼ା ଛୋଟ ଏବଂ ମଧ୍ୟମ ଆକାରର ପରିବାର ଥିଲେ 54.7 ଶତକଡ଼ା ବୃହତ୍ ଆକାରର ଏବଂ 6.9 ଶତକଡ଼ା ଅତି ବଡ଼ ଆକାରର ପରିବାର ଥିଲେ ।

**ବୃତ୍ତିଗତ ସଂରଚନା (Occupational Structure) :**

ଅଧ୍ୟୟନରୁ ଜଣାପଡୁଛି ଯେ, 46.4 ଶତକଡ଼ା ପରିବାର ପେଶାଦାର ସେବାରେ ନିୟୋଜିତ ଥିଲେ ଯଥା - ନଳ ମିସ୍ତ୍ରୀ କାମ (Plumbing), ମିସ୍ତ୍ରୀକାମ ଇତ୍ୟାଦି 32.8 ଶତକଡ଼ା ପରିବାର ବ୍ୟବସାୟ ଓ ବାଣିଜ୍ୟରେ ସହାୟକ ଥିଲେ । 18.12 ଶତକଡ଼ା ଦୈନିକ ଅଣକୁଶଳୀ ଶ୍ରମିକ ଏବଂ ଖଣ୍ଡୀୟ ନିଯୋଜନ ଦୃଷ୍ଟିରୁ ପ୍ରାୟ 46.9 ଶତକଡ଼ା କର୍ମଚାରୀ ଅନୌପଚାରିକ କ୍ଷେତ୍ରକରେ (Informal sectors) ନିୟୋଜିତ ଅଛନ୍ତି ।

**ସାରଣୀ 32.2 : କାନପୁରର ଝୁମ୍ପୁଡ଼ି ବସ୍ତି ଅଞ୍ଚଳରେ ପରିବାର ଗୁଡ଼ିକର ଆକାର ଏବଂ ବୃତ୍ତିଗତ ସଂରଚନା :**

| ପରିବାର | ସେବା | | ବ୍ୟବସାୟ | | ଶ୍ରମିକ | | ବେକାର | | ମୋଟ | |
|---|---|---|---|---|---|---|---|---|---|---|
| ଆକାର | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % |
| ଛୋଟ ଏବଂ ମଧ୍ୟମ (1-5ବ୍ୟକ୍ତି) | 44 | 45.36 | 27 | 27.84 | 22 | 22.68 | 4 | 4.12 | 97 | 100 |
| ବଡ଼ (6-11 ବ୍ୟକ୍ତି) | 63 | 46.67 | 47 | 34.81 | 25 | 18.52 | 0 | 0.00 | 135 | 10 |
| ଅତି ବଡ଼ (12 ଏବଂ 12 ରୁ ଅଧିକ ବ୍ୟକ୍ତି) | 9 | 50.00 | 8 | 44.44 | 1 | 5.56 | – | – | 18 | 100 |
| ମୋଟ | 116 | 46.40 | 82 | 32.80 | 48 | 19.20 | 4 | 1.60 | 250 | 100 |

ଫଳାଫଳ ଦର୍ଶାଉଛି ଯେ, ଝୁମ୍ପୁଡ଼ି ନିବାସୀ ମାନଙ୍କ ମଧ୍ୟରୁ ସେବା କ୍ଷେତ୍ରକରେ ନିୟୋଜିତ ଅଛନ୍ତି । ଏଥିରେ ଉଭୟ ଔପଚାରିକ ଏବଂ ଅନୌପଚାରିକ କ୍ଷେତ୍ର ସେବା ଅନ୍ତର୍ଭୁକ୍ତ ହୋଇଥାଏ । ବଡ଼ ଏବଂ ଅତି ବଡ଼ ପରିବାର ସମୂହ ମଧ୍ୟରେ ବ୍ୟବସାୟରେ ନିୟୋଜନ ଆନୁପାତିକ ଭାବେ ଅଧିକ ଅଟେ । ଏହାର ବିପରୀତ, ଛୋଟ ଏବଂ ମଧ୍ୟମ ଆକାରର ପରିବାର ସମୂହ ମାନଙ୍କ ମଧ୍ୟରେ ଦୈନିକ ମଜୁରୀ ଉପାର୍ଜନକାରୀ ମାନଙ୍କର ଅନୁପାତ ଅଧିକ ଥାଏ । ଏହି ସମୂହ ଦେଶର ଚାକିରୀ ଅନ୍ୱେଷଣକାରୀ ମାନଙ୍କୁ ମଧ୍ୟ ପ୍ରତିଫଳିତ କରିଥାଏ ।

ସୁତରାଂ ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ, ବଡ଼ ଏବଂ ଅତିବଡ଼ ପରିବାର ଗୁଡ଼ିକ ସେମାନଙ୍କର ଆର୍ଥିକ କାର୍ଯ୍ୟକଳାପ ଗୁଡ଼ିକରେ ବିବିଧତା ଆଣି ପାରିବାରିକ ଆୟକୁ ବୃଦ୍ଧି କରିଥା'ନ୍ତି । ଏହା ବଦଳରେ ଏହା ପରିବାରର ବୃଦ୍ଧି ପାଉଥିବା ଆୟ ଯୋଗୁଁ ବିଭିନ୍ନ ପ୍ରକାରର ବ୍ୟବସାୟିକ କାର୍ଯ୍ୟକଳାପକୁ ଜନ୍ମ ନେଇଥାଏ । ଝୁମ୍ପୁଡ଼ି ବସ୍ତି ଅଞ୍ଚଳରେ ସଂଯୁକ୍ତ ପରିବାର ବ୍ୟବସ୍ଥାର ଛୋଟ ପରିବାର ବ୍ୟବସ୍ଥା ତୁଳନାରେ ଉତ୍ତର ଜୀବିତା (Survival) ଏବଂ ଅଭିବୃଦ୍ଧି ପାଇଁ ଅଧିକ ସଞ୍ଚୟୀ ଉତ୍ପତ୍ତି ପ୍ରଭାବ ଥାଏ ।

**ଆୟ ସୃଜନର ସ୍ତର (Level of Income Generation) :**

ଝୁମ୍ପୁଡ଼ି ବସ୍ତି ସାମଗ୍ରିକ ଧାରଣା ସହରୀ ଗରିବ ମାନଙ୍କର ଅବସ୍ଥାକୁ ପ୍ରତିଫଳିତ କରିଥାଏ । ତଥାପି, ଜଣେ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଆୟ ବିବିଧତା ଲକ୍ଷ୍ୟ କରିପାରିବ । କ୍ଷେତ୍ର ସର୍ବେକ୍ଷଣ, ମାସିକ ଆୟ ଆଧାରରେ ତିନୋଟି ସ୍ତର ଦର୍ଶାଇ ଥାଏ ନିମ୍ନ, ମଧ୍ୟମ ଓ ଉଚ୍ଚତର ସ୍ତର ।



ଟିପ୍ପଣୀ

**ସାରଣୀ ନଂ 32.2 : କାନପୁରର ଝୁମ୍ପୁଡ଼ି ବସ୍ତି ଅଞ୍ଚଳରେ ମାସିକ ଆୟସ୍ତର :**

| ଆୟ ସମୂହ | ପରିବାରର ସଂଖ୍ୟା | ଶତକଡ଼ାରେ ଅଂଶ |
|---|---|---|
| ନିମ୍ନ (1000 ଟଙ୍କାରୁ କମ୍) | 185 | 74.0 |
| ମଧ୍ୟମ (ଟ1000/- ଟ 2000/-) | 53 | 21.2 |
| ଉଚ୍ଚତର (ଟ2000/- ଏବଂ ତଦୁର୍ଦ୍ଧ) | 12 | 4.8 |
| **ମୋଟ** | **250** | **100.00** |

185 ନିମ୍ନ ଆୟ ସମୂହରୁ, 74 ଛୋଟ ଓ ମଧ୍ୟମ ପରିବାରରୁ ଆସିଛନ୍ତି, 106 ବଡ଼ ଏବଂ ମାତ୍ର 5 ଅତି ବଡ଼ ଆକାର ପରିବାରରୁ ଥିଲେ । 53 ମଧ୍ୟମ ଆୟ ସମୂହରୁ 14 ଛୋଟ ଏବଂ ମଧ୍ୟମ ଆକାର ପରିବାରରୁ, 28 ବଡ଼ ଏବଂ 11 ଅତି ବଡ଼ ପରିବାରରୁ ଆସିଥିବା ଉଲ୍ଲେଖ ଥିଲା । ଉଚ୍ଚତର ଆୟ ସମୂହରେ ଏହି ସଂଖ୍ୟା ଯଥାକ୍ରମେ 3, 6 ଏବଂ 3 ଥିଲା । ନିମ୍ନଲିଖିତ ସାରଣୀଟି ମୁଣ୍ଡପିଛା ଆୟ ଏବଂ ପରିବାରର ଆକାର ମଧ୍ୟରେ ଥିବା ସମ୍ପର୍କକୁ ବ୍ୟାଖ୍ୟା କରୁଛି ।

**ସାରଣୀ ନଂ 32.3 : ଦୈନିକ ମୁଣ୍ଡପିଛା ଆୟ :**

| ପରିବାରର ଆକାର | ଟ 50 ରୁ କମ୍ | ଟ51 ରୁ ଟ 100 | ଟ 101.00 ରୁ ଟ150 | ଟ 151.00 ରୁ ଟ 200 | ଟ 200ରୁ ଅଧିକ | ମୋଟ |
|---|---|---|---|---|---|---|
| ଛୋଟ ଓ ମଧ୍ୟମ | 22 | 38 | 37 | 6 | 4 | 97(33.8) |
| ବଡ଼ 46 | 42 | 33 | 13 | 1 | 135(54.0) | |
| ଅତି ବଡ଼ | 4 | 8 | 4 | 2 | – | 18(7.2) |
| ମୋଟ ପରିବାର (28.2) | 72 (35.2) | 38 (25.6) | 64 (8.4) | 21 (2.00) | 5 (100.00) | 250 |

ବନ୍ଧନୀ ଭିତରେ ଥିବା ସଂଖ୍ୟାଗୁଡ଼ିକ ମୋଟର ଶତକଡ଼ାକୁ ସୂଚିତ କରୁଛନ୍ତି ।

ଫଳାଫଳରୁ ଜଣାପଡୁଛି ଯେ, ବସ୍ତି ବାସିନ୍ଦାଙ୍କ 28.8 ଶତକଡ଼ା ଦୈନିକ ଆଧାରରେ ଟ 50.00 କିମ୍ବା ତା'ଠାରୁ କମ୍ ଆୟ କରିଥା'ନ୍ତି । ପ୍ରାୟ 32 ଶତକଡ଼ା ଟ51 ରୁ 100 ମଧ୍ୟରେ 25.6 ଶତକଡ଼ା ଟ 101 ରୁ ଟ 151 ମଧ୍ୟରେ, 8.4 ଶତକଡ଼ା ଟ 151 ରୁ ଟ 200 ମଧ୍ୟରେ ଏବଂ ଅବଶିଷ୍ଟ ପ୍ରାୟ 2 ଶତକଡ଼ା 200 ଟଙ୍କାରୁ ଅଧିକ ଆୟ କରିଥା'ନ୍ତି । ଏଣୁ ଅଧିକାଂଶ ଝୁମ୍ପୁଡ଼ି ବସ୍ତି ବାସିନ୍ଦାଙ୍କ ମୁଣ୍ଡପିଛା ଆୟ ନିମ୍ନ ବା କମ୍ ଅଟେ । ଛୋଟ ଏବଂ ମଧ୍ୟମ ଆକାରର ପରିବାର ଗୁଡ଼ିକର ହାରାହାରି ଆୟ (ଦୈନିକ) ଥିଲା ଟ90.00, ବଡ଼ ପରିବାର ଗୁଡ଼ିକର ଟ81.00 ଏବଂ ଅତି ବଡ଼ ପରିବାର ଗୁଡ଼ିକର ଟ 86.00 ଥିଲା ।

### ସାକ୍ଷରତା

250 ପରିବାର ଗୁଡ଼ିକ ମଧ୍ୟରୁ 158 (63.2%) ସାକ୍ଷର ଥିଲେ, ଏବଂ 92(36.8%) ନିରକ୍ଷର ଥିଲେ । 158 ସାକ୍ଷର ପରିବାରରୁ 98 ସେବା କ୍ଷେତ୍ରରୁ, 54 ବ୍ୟବସାୟ ଏବଂ 2 ଅଣକୁଶଳୀ ଶ୍ରମିକ ଏବଂ ସେମାନଙ୍କ ମଧ୍ୟରୁ 4 ଟି ପରିବାର ସେବା ନିବୃତ ହୋଇଥିଲେ । ନିରକ୍ଷର ପରିବାର ଗୁଡ଼ିକ ମଧ୍ୟରୁ 18 ସେବା କ୍ଷେତ୍ରରୁ 25 ବ୍ୟବସାୟରୁ ଏବଂ 45 ଶ୍ରମିକ ପରିବାର ଥିଲେ ।

### ଆବାସିକ ସଂରଚନା (Residential Structure):

ପରିବାର ଗୁଡ଼ିକୁ ଉପଲବ୍ଧ ଆବାସିକ ସ୍ଥାନ 10 ବର୍ଗ ମିଟରରୁ 15 ବର୍ଗ ମିଟର ମଧ୍ୟରେ ଥିଲା । ଆବାସିକ ସ୍ଥାନ ଏହିଭଳି ଶ୍ରେଣୀ ବିଭାଗ କରାଯାଇଥିଲା । ଛୋଟ 10 ବର୍ଗ ମିଟରରୁ କମ୍ (ii) ମଧ୍ୟମ 10 ବର୍ଗ ମିଟରରୁ 12 ବର୍ଗ ମିଟର ଏବଂ (iii) ବଡ଼ 12 ବର୍ଗ ମିଟରରୁ ଅଧିକ ସ୍ଥାନ ସହ ।

ଟିପ୍ପଣୀ

**ସାରଣୀ ନଂ 32.4 : କାନପୁରର ଝୁମ୍ପୁଡ଼ି ବସ୍ତି ଅଞ୍ଚଳରେ ଆବାସିକ ସଂରଚନା**

| ଉପଲବ୍ଧ ସ୍ଥାନର ପ୍ରକାର | ସଂରଚନାର ସଂଖ୍ୟା | ଶତକଡ଼ା |
|---|---|---|
| ଛୋଟ | 149 | 59.6 |
| ମଧ୍ୟମ | 53 | 21.2 |
| ବଡ଼ | 48 | 19.2 |
| **ମୋଟ** | **250** | **100.00** |

ସାରଣୀ 32.4 ଦର୍ଶାଉଛି ଯେ, ଝୁମ୍ପୁଡ଼ି ବସ୍ତିରେ ରହୁଥିବା ଅଧିକାଂଶ ଲୋକଙ୍କର ଆବାସିକ ସ୍ଥାନ ଛୋଟ ଅଟେ । 250 ସର୍ବେକ୍ଷଣ (Surveyed) ପରିବାର ଗୁଡ଼ିକ ମଧ୍ୟରୁ 149 ଛୋଟ 53 ମଧ୍ୟମରେ ଏବଂ 48 ତୁଳନାତ୍ମକ ଭାବେ ବଡ଼ ଆବାସିକ ସ୍ଥାନରେ ରହୁଥିଲେ ।

ଅଧିକାଂଶ ଝୁମ୍ପୁଡ଼ି ବସ୍ତି ବାସିନ୍ଦା ଭଡ଼ାଟିଆ ଥିଲେ । (83 ଶତକଡ଼ା) ଓ ଗୋଟିଏ କୋଠରୀରେ ରହୁଥିଲେ ଏବଂ ହାରାହାରି 62 ଟଙ୍କା ମାସିକ ଭଡ଼ା ଦେଉଥିଲେ । ପାଖାପାଖି 85 ଶତକଡ଼ା ଆବାସିକ ଗୃହରେ ବିଦ୍ୟୁତ୍ ସଂଯୋଗ ଥିଲା, 21.3 ଶତକଡ଼ାରେ ଗାଧୁଆ ଘର ଥିଲା, 43.5 ଶତକଡ଼ା ଘରେ ଶୌଚାଳୟ ଥିଲା ଏବଂ 28.2 ଶତକଡ଼ା ଘରେ / ଝୁମ୍ପୁଡ଼ିରେ ପାଇପ୍ ପାଣି ସୁବିଧା ଥିଲା । ପ୍ରମୁଖ ନର୍ଦ୍ଦମା ଓ ରେଳ ଧାରଣା କଡ଼ରେ ଏବଂ ଆବର୍ଜନା ବା ଅଳିଆ ଜମା ହେବା ସ୍ଥାନ ନିକଟରେ ଝୁମ୍ପୁଡ଼ି ବସ୍ତି ବାସିନ୍ଦାଙ୍କର କାଦୁଆ ମାଟି ଛପର ଓ ତମ୍ବୁଘର ଗୁଡ଼ିକର ଏକ ସାଧାରଣ ଦୃଶ୍ୟ ଦେଖାଯାଇଥିଲା । ବେଳେବେଳେ ଏହି ଲୋକମାନଙ୍କୁ ନଗର / ସହର ବିକାଶ ପ୍ରାଧିକରଣ ଦ୍ୱାରା ସ୍ୱଳ୍ପ ମୂଲ୍ୟର ଆବାସ ଗୃହ ମଧ୍ୟ ପ୍ରଦାନ କରାଯାଇଥାଏ । ଏଣୁ ସେମାନେ ପ୍ରାୟତଃ ବିସ୍ଥାପିତ ହୋଇଥା'ନ୍ତି ଏବଂ ପୁନର୍ବସତି ଓ ଥଇଥାନର ସମସ୍ୟା ସେମାନଙ୍କର ସାଧାରଣ ସମସ୍ୟାରେ ପରିଣତ ହୋଇଥାଏ ।

> ଝୁମ୍ପୁଡ଼ି ବସ୍ତି ସହରୀ ଗରିବ ମାନଙ୍କର ଆଶ୍ରୟସ୍ଥଳ ଅଟେ । ସେଗୁଡ଼ିକ ମାତ୍ର ନ୍ୟୁନତମ ସାମାଜିକ ସୁବିଧା ତଥା ସୁଖ ସ୍ୱାଚ୍ଛନ୍ଦ୍ୟ ଅଭାବ ଜନିତ ଅସ୍ୱାସ୍ଥ୍ୟକର ବାତାବରଣକୁ ପ୍ରତିଫଳିତ କରିଥା'ନ୍ତି । ଝୁମ୍ପୁଡ଼ି ବସ୍ତି ଗୁଡ଼ିକ ଗ୍ରାମୀଣ ଦାରିଦ୍ର୍ୟ, ବିଶାଳ ପରିମାଣର ବିସ୍ଥାପନ ଏବଂ ସହରଗୁଡ଼ିକରେ କ୍ରମବର୍ଦ୍ଧିଷ୍ଣୁ ରୋଜଗାରର ଅବସର ବା ସୁଯୋଗର ପରିଣାମ ଅଟେ ।

### ଝୁମ୍ପୁଡ଼ି ବସ୍ତି ଅଞ୍ଚଳ ବିକାଶ (Slum Area Development) :

ଝୁମ୍ପୁଡ଼ି ବସ୍ତି ଗୁଡ଼ିକ ମାନବ ବସତି ଗୁଡ଼ିକର ସର୍ବାଧିକ ବଞ୍ଚିତ ଠିକଣା ଅଟେ । କ୍ଷେତ୍ର ସର୍ବେକ୍ଷଣ ଏବଂ ବିଭିନ୍ନ ସହରରେ ଝୁମ୍ପୁଡ଼ି ବସ୍ତି ଉନ୍ନତି ସାଧନର ଅଭିଜ୍ଞତା ଆଧାରରେ ନିମ୍ନଲିଖିତ ଯୋଜନା ସୁପାରିଶ କରାଯାଇଛି ।

### 1. ମୌଳିକ ସାମାଜିକ ସୁଖ-ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା (Provision for Basic Amenities)

ପ୍ରତ୍ୟେକ ଅଞ୍ଚଳରେ ତା'ର ମର୍ଯ୍ୟାଦା / ଅବସ୍ଥା ନିର୍ବିଶେଷରେ (Irrespective of status) ନିରାପଦ ପାନୀୟ ଜଳ, ପରିମଳ, ଶୌଚାଳୟ, ବାୟୁଚଳାଚଳ ବା ସଂବାତନ, ବିଦ୍ୟାଳୟ, ଡାକ୍ତରଖାନା, ଡାକଘର, ସଡ଼କ, ପରିବହନ ଓ ଯୋଗାଯୋଗର ମାଧ୍ୟମ, ବିପଣନ କେନ୍ଦ୍ର, ସାମୁଦାୟିକ କେନ୍ଦ୍ର ଇତ୍ୟାଦିର ବ୍ୟବସ୍ଥା କରିବା ଆବଶ୍ୟକ ଅଟେ । ଏହା ମାନବ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ କରାଯାଇପାରେ । ସୁଲଭ ଇଣ୍ଟରନେଶନାଲ (ଏକ ବେସରକାରୀ ସଂଗଠନ) ର ସେବା ସର୍ବାଧିକ ମିତ୍ୟବ୍ୟୟୀ ଏବଂ ସ୍ୱାସ୍ଥ୍ୟକର ପ୍ରମାଣିତ ହୋଇଛି । ଏହା ସମଗ୍ର ସମୁଦାୟ ପାଇଁ କରିବା ଆବଶ୍ୟକ କାରଣ ଲୋକମାନେ ଗରିବ ଅଟନ୍ତିଏବଂ ପାରିବାରିକ ସ୍ତରରେ ସେଗୁଡ଼ିକ ମଧ୍ୟରୁ ଅନେକ ସୁବିଧା ସୁଯୋଗ ଜନିତ ବ୍ୟୟ ଭାର ସେମାନେ ଉଠାଇ ପାରନ୍ତି ନାହିଁ ।

### 2. ଆର୍ଥିକ ଧନ୍ଦା ପାଇଁ ବ୍ୟବସ୍ଥା (Provision for Economic Persuits)

ସ୍ୱ-ନିୟୋଜନ (Self Employment) ସୃଷ୍ଟି ଏବଂ ଆୟ ବୃଦ୍ଧି ପାଇଁ କ୍ଷୁଦ୍ର / ଲଘୁ ବ୍ୟବସାୟ (Micro Scale Business) ଏବଂ କୁଟୀର ଶିଳ୍ପ ସହଜରେ ଯୋଜନା କରାଯାଇପାରେ । ସ୍ଥାନୀୟ ଲୋକଙ୍କ ପାଇଁ ସାନ୍ଧ୍ୟକାଳୀନ ଚାଟ ବଜାର, ସାପ୍ତାହିକ ହାଟ, ଫଳ ଏବଂ ପନିପରିବା ଦୋକାନ, ଆଦି ଭଳି ଛୋଟ ବ୍ୟବସାୟ ଯୋଜନା କରାଯାଇପାରେ । ବ୍ୟବସାୟ ବ୍ୟତୀତ, ଭାସ୍କର୍ଯ୍ୟ (Sculpturing) ସୂଚୀଶିଳ୍ପ (Embroidery) କାମ, ପ୍ରତିମୂର୍ତ୍ତି ନିର୍ମାଣ, ପଥର କାରୁକାର୍ଯ୍ୟ, କାଠ କାରୁକାର୍ଯ୍ୟ, ଲୁହା ଏବଂ ମରାମତି କାମ ଭଳି କୁଟୀର ଶିଳ୍ପ ଯଦି ଯୋଜନା



ଟିପ୍ପଣୀ

କରାଯାଏ, ତେବେ ଝୁମ୍ପୁଡ଼ି ବସ୍ତି ଅଞ୍ଚଳ ଗୁଡ଼ିକ ପାଇଁ ରୋଜଗାର ଏବଂ ଆୟ ସୃଜନରେ ଏହା ଅର୍ଥପୂର୍ଣ୍ଣ ହୋଇପାରେ ।

**3. ଅନ୍ୟ ଜନକଲ୍ୟାଣ କାର୍ଯ୍ୟ (Other Welfare Works)**

ଯେହେତୁ ଝୁମ୍ପୁଡ଼ି ବସ୍ତିରେ ରହୁଥିବା ଅଧିକାଂଶ ଲୋକେ ପରିସମ୍ପତ୍ତି, ଚିତ୍ତବିନୋଦନ ଏବଂ ମନୋରଞ୍ଜନ ଏବଂ ମନୋରଞ୍ଜନର ସାଧନରୁ ବଞ୍ଚିତ ହୋଇଥାଆନ୍ତି; ମନୋରଞ୍ଜନର ସାଧନ ଏବଂ ସାମାଜିକ ସମାବେଶର ସ୍ଥାନ ପ୍ରଦାନ ପାଇଁ ସାମୁଦାୟିକ ବା ଗୋଷ୍ଠୀ କେନ୍ଦ୍ରର ଯୋଜନା ପ୍ରସ୍ତୁତ କରାଯାଇପାରେ ।

**4. ପରିବେଶୀୟ ଗୁଣ ବତ୍ତା ନିୟନ୍ତ୍ରଣ (Environmental Quality Control)**

ଝୁମ୍ପୁଡ଼ି ବସ୍ତି ଅଞ୍ଚଳ ଗୁଡ଼ିକ ଖରାପ ପରିମଳ ଅବସ୍ଥାକୁ ପ୍ରତିଫଳିତ କରିଥା'ନ୍ତି । ଝୁମ୍ପୁଡ଼ି ବସ୍ତି ଗୁଡ଼ିକ ଅଳିଆ ଆବର୍ଜନା ନିଷ୍କାସନ ସ୍ଥଳ ନିକଟରେ, ପରିତ୍ୟକ୍ତ ଅଞ୍ଚଳରେ (Refuge areas) ଏବଂ ନର୍ଦ୍ଦମା କଡ଼ରେ ଗଢ଼ି ଉଠିଥା'ନ୍ତି । ରୋପଣ / ଉଦ୍ୟାନ ଛାୟା ବୃଦ୍ଧି କରିବାରେ, ପ୍ରଦୂଷଣ ସ୍ତର ହ୍ରାସ କରିବାରେ ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ ସ୍ଥଳ, ସଡ଼କ ଏବଂ ନର୍ଦ୍ଦମା କଡ଼ରେ ସ୍ଥାନରେ ସବୁଜ ପରିବେଶ ସୃଷ୍ଟି କରିବାରେ ସହାୟତା କରିପାରେ । ଅଧିକାଂଶ ଝୁମ୍ପୁଡ଼ି ବସ୍ତି ଅଞ୍ଚଳରେ ସ୍ଥାନର ସମସ୍ୟା ଅଛି, ଏପରି ସ୍ଥଳେ ବାମନ (Dwarf) ଏବଂ ପୁଷ୍ପନ ବୃକ୍ଷ (Flowering trees) ସର୍ବାଧିକ ଉପଯୁକ୍ତ ଅଟେ । ନର୍ଦ୍ଦମା ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ ସ୍ଥଳକୁ ଆଣଦନ କରିବା ପାଇଁ ଯୋଜନାବଦ୍ଧ ପ୍ରୟାସ, ଧାରାଭୀ - ମୁମ୍ବାଇର ଏକ ଝୁମ୍ପୁଡ଼ି ବସ୍ତି ଅଞ୍ଚଳରେ ଜୀବନର ଗୁଣବତ୍ତାରେ ଉଲ୍ଲେଖନୀୟ ପରିବର୍ତ୍ତନ ସୃଷ୍ଟି କରିପାରିଛି ।

## ପାଠ୍ୟଗତ ପ୍ରଶ୍ନ 32.3

1. ଝୁମ୍ପୁଡ଼ି ବସ୍ତି ଅଞ୍ଚଳର ତିନୋଟି ବିଶେଷତ୍ୱ ଲେଖ ।

(କ) ____________________

(ଖ) ____________________

(ଗ) ____________________

2. ଭାରତୀୟ ସହରମାନଙ୍କରେ ଝୁମ୍ପୁଡ଼ି ବସ୍ତି ଜନସଂଖ୍ୟା ଦ୍ରୁତ ବୃଦ୍ଧି ପାଇଁ ଦାୟୀ ତିନୋଟି କାରକର ତାଲିକା କର ।

(କ) ____________________

(ଖ) ____________________

(ଗ) ____________________

3. ଝୁମ୍ପୁଡ଼ି ବସ୍ତି ଅଞ୍ଚଳର ଉନ୍ନତି ପାଇଁ ଯୋଜନାର ତିନୋଟି ପ୍ରାଥମିକ ବା ପ୍ରସ୍ତାବ କର ।

(କ) ____________________

(ଖ) ____________________

(ଗ) ____________________

## 32.4 ସ୍ଥିତି ଅଧ୍ୟୟନ III

**ଆଦିବାସୀ / ଜନଜାତୀୟ ଗ୍ରାମର ଅଧ୍ୟୟନ : ସେମ୍ଭେଲପାନୀ (ଜିଲ୍ଲା ବନାସକାଣ୍ଠା - ଗୁଜୁରାଟ)**

**ଆଦିବାସୀ ଅଞ୍ଚଳ ଉନ୍ନୟନ : ସେମ୍ଭେଲପାନୀ ଆଦିବାସୀ ଗ୍ରାମ (ଜିଲ୍ଲ - ବନାସକାଣ୍ଠା ଗୁଜୁରାଟ)ର ଏକ ସ୍ଥିତି ଅଧ୍ୟୟନ**

**ଉପକ୍ରମ :**

ଅଧ୍ୟୟନ କ୍ଷେତ୍ର ସେମ୍ଭେଲପାନୀ ମୁଖ୍ୟତଃ ଏକ ଆଦିବାସୀ ଗ୍ରାମ ଅଟେ ଏବଂ ଏହା ପ୍ରାୟ $24^{0}20'$ ଉତ୍ତର ଅକ୍ଷାଂଶ ଏବଂ $72^{0}44'$ ପୂର୍ବ ଦ୍ରାଘିମା ଉପରେ ଗୁଜୁରାଟ ରାଜ୍ୟର ବନାସକାଣ୍ଠା ଜିଲ୍ଲାର ଦାନ୍ତା ତହସିଲରେ

ଟିପ୍ପଣୀ

ଅବସ୍ଥିତ ଅଟେ । ପାଳନପୁର – ଅମ୍ବାଜୀ (ଗୁଜୁରାଟ) ସଡ଼କ ଗାଁ ପାଖ ଦେଇ ଅତିକ୍ରମ କରିଛି ଏବଂ ଏହା ରାଜସ୍ଥାନ ମାଉଣ୍ଟଆବୁକୁ ସଂଯୁକ୍ତ କରୁଛି । ଗାଁଟି ଆମ୍ବାଜୀ ସହରର ପଶ୍ଚିମରେ ପ୍ରାୟ 7 କି.ମି. ଦୂରତାରେ ଅବସ୍ଥିତ । ଏହି ଅଞ୍ଚଳ ରାଜସ୍ଥାନ ରାଜ୍ୟରେ ଜିଲ୍ଲା ଶିରୋହୀ ସନ୍ନିହିତ ଆରାବଳୀ ପାହାଡ଼ର ଦକ୍ଷିଣ – ପୂର୍ବ ସମ୍ପ୍ରସାରଣର ଏକ ଅଂଶ ଅଟେ । ଗ୍ରାମ ସେମ୍ଭେଲପାନୀ ଆମ୍ବାଜୀ ମାତା ପାହାଡ଼ ପ୍ରାଙ୍ଗଣ (Hill complex) ର ଏକ ଅଂଶ ସଂରଚନା କରିଥାଏ । ଏହି ପ୍ରାଙ୍ଗଣ ତୀକ୍ଷ୍ଣ ପାହାଡ଼ିଆ ଲକ୍ଷଣ, ପାର୍ବତ୍ୟ ଶ୍ରେଣୀ ଏବଂ ଛୋଟ ଛୋଟ ପାହାଡ଼କୁ ପ୍ରତିନିଧିତ୍ୱ କରିଥାଏ । ଅଧ୍ୟୟନ କ୍ଷେତ୍ରରେ ସାଧାରଣ ଉତ୍ଥାନ ସମୁଦ୍ର ପତ୍ତନ ଠାରୁ ପ୍ରାୟ 650 ମିଟର ଉପରେ ଅବସ୍ଥିତ ଅଟେ । ସରସ୍ୱତୀ ନଦୀ, ଯିଏ ସାବରମତୀ ନଦୀର ଏକ ଉପନଦୀ ଅଟେ, ଏହି ଅଞ୍ଚଳ ମଧ୍ୟ ଦେଇ ପ୍ରବାହିତ ହେଉଛି । ଏହି ପାହାଡ଼ିଆ ଅଞ୍ଚଳର ହାରାହାରି ବାର୍ଷିକ ବୃଷ୍ଟିପାତ 830 ମି.ମି. ଅଟେ । ଯାହା ମୁଖ୍ୟତଃ ଦକ୍ଷିଣ – ପଶ୍ଚିମ ମୌସୁମୀ ବାୟୁ ଦ୍ୱାରା ପ୍ରାପ୍ତ ହୋଇଥାଏ । ଏଠାକାର ବନସ୍ପତି ବିଶେଷଭାବେ ଶୁଷ୍କ ପର୍ଣ୍ଣମୋଚୀ ପ୍ରକାରର ହୋଇଥାଏ । ଏଠାରେ ଶାଗୁଆନ୍, ମହୁଲ, ବାଉଁଶ, ଗୁଲର, ହଳନ୍ଦୁ, ବିଜା, କାଦୀ ଏବଂ ସାନ୍ଦୀ (ସ୍ଥାନୀୟ ନାମ) ଭଳି ବୃକ୍ଷ ଦେଖାଯାଆନ୍ତି । ସ୍ଥାନେ ସ୍ଥାନେ ବନସ୍ପତି ଆଚ୍ଛାଦନ ଗୁଳ୍ମ ଏବଂ ମୁକ୍ତ ତୃଣଭୂମିକୁ ନେଇ ହୋଇଥାଏ ।

ସେମ୍ଭଲପାନୀର କ୍ଷେତ୍ରଫଳ 152.48 ହେକ୍ଟର ଏବଂ ମୋଟ ଜନସଂଖ୍ୟା 642 ଅଟେ । ଗ୍ରାମରେ 106 ଟି ପରିବାର ଅଛନ୍ତି (ସାରଣୀ 32.5) । ଆଦିବାସୀ ସମୁଦାୟର ହୋଇଥିବାବେଳେ, ରବାରି ଅଣ ଆଦିବାସୀ ସମୁଦାୟ ଅଟେ । (ସାରଣୀ 32.6) । ଲିଙ୍ଗ ଅନୁପାତ (ପ୍ରତି 1000 ପୁରୁଷ ଜନସଂଖ୍ୟା ପାଇଁ ମହିଳା ମାନଙ୍କର ଅନୁପାତ) 87 ଅଟେ । ମହିଳାମାନଙ୍କର ସାକ୍ଷରତା ଅନୁପାତ 14.5 ଶତକଡ଼ା ଏବଂ ପୁରୁଷମାନଙ୍କର ଏହା 26.4 ଶତକଡ଼ା ଅଟେ ।

**ସାରଣୀ ନଂ 32.4 : ସେମ୍ଭେଲପାନୀ ଆଦିବାସୀ ଗ୍ରାମର ପରିବାର ଗୁଡ଼ିକର ପରିଚ୍ଛେଦିକା**

| ପରିବାର ଗୁଡ଼ିକର ମୋଟ ସଂଖ୍ୟା | ମୋଟ ଜନସଂଖ୍ୟା | ନମୁନା ପରିବାର ଗୁଡ଼ିକର ସଂଖ୍ୟା | ପରିବାର ଗୁଡ଼ିକର ସଦସ୍ୟ ସଂଖ୍ୟା |
|---|---|---|---|
| 106 | 642 | 30 | 210 |

**ସାରଣୀ ନଂ 32.6 : ଜନସଂଖ୍ୟାର ବିଶେଷତ୍ୱ**

| କ୍ଷେତ୍ରଫଳ (ହେକ୍ଟୟରରେ) | ଜନସଂଖ୍ୟା | ଆଦିବାସୀ ଶତକଡ଼ା (ପ୍ରତିବର୍ଗ କି.ମି.ରେ) | ଜନସଂଖ୍ୟାର ଘନତ୍ୱ ପୁ. | ମ. | ଜନସଂଖ୍ୟାର ଅନୁପାତ | ଲିଙ୍ଗ | ସାକ୍ଷରତାର ଶତକଡ଼ା |
|---|---|---|---|---|---|---|---|
| 154 | 2.48 | 642 | 74.6 | 46 | 871 | 26.4 | 14.5 |

ରବାରିମାନେ ଅର୍ଦ୍ଧ ଯାଯାବର ପଶୁପାଳକ ଅଟନ୍ତି । କୌତୁହଳର ବିଷୟ ଏହା ଯେ, ସେମାନେ ଛୋଟ ଶଙ୍କୁ ଆକାରର କୁଡ଼ିଆ ଯାହାକୁ 'ଖୁବ୍' କୁହାଯାଏ, ରେ ରହନ୍ତି । ସ୍ଥାନୀୟ ଲୋକମାନେ ଚାରଣ କିମ୍ବା ଅର୍ଦ୍ଧ-ଚାରଣ ଲୋକଙ୍କ ସମୂହ ହୋଇଗଲେଣି ଏବଂ ଅର୍ଥନୈତିକ ସମ୍ପର୍କ ସ୍ଥାପନ କରିନେଇଛନ୍ତି ।

### ଭୂମି ଉପଯୋଗ (Land Utilisation) :

ମୋଟ ଭୌଗଳିକ କ୍ଷେତ୍ରଫଳ (1542.48 ହେକ୍ଟୟର) ପ୍ରାୟ 7.5 ଶତକଡ଼ା ଭୂମି କୃଷିଯୋଗ୍ୟ ଅଟେ ଏବଂ 92.1 ଶତକଡ଼ା କୃଷି ଯୋଗ୍ୟ ନୁହେଁ । ଭୂମିର ଅନ୍ୟ ଉପଯୋଗରେ 0.4 ଶତକଡ଼ା ଭୂମି ଅଛି (ସାରଣୀ 32.7) । ଗ୍ରାମଟି ସୀମିତ କୃଷି, ବିସ୍ତୃତ ବନ୍ୟ ଭୂମି ଏବଂ ଏକ ବିଶାଳ ଚାରଣ ଭୂମି ଦେଖାଯାଇଥାଏ । ଭୂମି ଆଧାରିତ କାର୍ଯ୍ୟକଳାପର ପଶୁଚାରଣ ଏବଂ ଜୀବନ ନିର୍ବାହ କୃଷି (Subsistence argiculture) ଅନ୍ତର୍ଭୁକ୍ତ ଅଟେ । ଅଧିକାଂଶ ଘର ଚାଳ ଛପର, ବିସ୍ତୃତ ସ୍ଥାନ ବ୍ୟବଧାନ ସହ, ଦୀର୍ଘ ଓ ଆଂଶିକ ବାଡ଼ର ଅଗଣା, ଯାହା ପଶୁମାନଙ୍କର ଚାରା ଯେପରିକି ପାଳ, ଘାସ ଏବଂ କୃଷି ଉପକରଣ ରଖିବା ପାଇଁ ବ୍ୟବହୃତ ହୋଇଥାଏ, ବିଶିଷ୍ଟ





ହୋଇଥା'ନ୍ତି । ଗ୍ରାମର ଚାରଣ ଭୂମି ଆଦିବାସୀ ସମୁଦାୟ ଦ୍ୱାରା ସାଧାରଣ ଭାବେ ବ୍ୟବହୃତ ହୋଇଥାଏ । ଅନାବୃଷ୍ଟି ସମୟରେ ସାଧାରଣତଃ ଋତୁକାଳୀନ ସେମାନଙ୍କର ପଶୁମାନଙ୍କ ସହ ଆରାବଲୀର ଉଚ୍ଚଭୂମିକୁ ଚାଲିଯାଆନ୍ତି ଏବଂ ଶୀତ ଋତୁରେ କତ, କାଠି ଆବାଡ଼ ଅଞ୍ଚଳକୁ ଚାଲି ଯାଇଥା'ନ୍ତି ।

**ସାରଣୀ ନଂ 32.7 : ଭୂମି ଉପଯୋଗର ପ୍ରତିରୂପ (ହେକ୍ଟରରେ)**

| ମୋଟ ଭୌଗଳିକ କ୍ଷେତ୍ରଫଳ (ହେକ୍ଟରୟରରେ) | କୃଷି ଯୋଗ୍ୟ ଭୂମି | ଅଣ-କୃଷିଯୋଗ୍ୟ ଭୂମି | ଅରଣ୍ୟ ଆଚ୍ଛାଦାନ | ଅନ୍ୟାନ୍ୟ ଉପଯୋଗ |
|---|---|---|---|---|
| 1542.48 (100.00%) | 116.20 (7.5%) | 1420.26 (92.1%) | 0.0 (0.0) | 6.02 (0.4%) |

## ଆର୍ଥିକ କାର୍ଯ୍ୟକଳାପ ଏବଂ ଆୟର ଉତ୍ସ

ମୋଟ କାର୍ଯ୍ୟକରୁଥିବା ଜନସଂଖ୍ୟାର ପାଖାପାଖି 53 ଶତକଡ଼ା ପ୍ରତ୍ୟକ୍ଷଭାବେ ପଶୁଚାରଣ ଏବଂ ତା'ର ସଂଯୁକ୍ତ କାର୍ଯ୍ୟକଳାପରେ ନିୟୋଜିତ ଅଛନ୍ତି, ପ୍ରାୟ 4 ଶତକଡ଼ା କୃଷି -ଚାରଣ (Agro - Pastoral) କାର୍ଯ୍ୟକଳାପରେ ଏବଂ ଅବଶିଷ୍ଟ ପ୍ରାୟ 6 ଶତକଡ଼ା କୁଟୀର ଶିଳ୍ପ, ବ୍ୟବସାୟ, ପରିବହନ ଏବଂ ସେବା କ୍ଷେତ୍ରରେ ନିୟୋଜିତ ଅଛନ୍ତି (ସାରଣୀ 32.8) । ***ସାରଣୀ 32.8 : ଆର୍ଥିକ କାର୍ଯ୍ୟକଳାପରେ ସହଭାଗୀତା***

| କୃଷି | | | ଶ୍ରମିକ | | | ଅନ୍ୟାନ୍ୟ | | | ମୋଟ | | |
|---|---|---|---|---|---|---|---|---|---|---|---|
| ମୋଟ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା |
| 14 | 3 | 11 | 20 | 12 | 8 | 8 | 5 | 3 | 42 | 20 | 22 |

ହାରାହାରି ଗୋଟିଏ ପରିବାରରେ ପ୍ରାୟ 60 ଟି ପାଳିତ ପଶୁ ଥାଆନ୍ତି । ଗାଈ, ମହିଷୀ, ଛେଳି, ମେଣ୍ଢା, ଖଚର, ଓଟ ଆଦି ସାଧାରଣ ପ୍ରାଣୀ ପାଳନ କରାଯାଇଥାଏ । ପଶୁପାଳନ ବ୍ୟତୀତ ପରିବାର ଗୁଡ଼ିକ ମହୁ, ଘାସ, ଗୁଗୁଳ, ଧାଲ୍ ମୁସଲୀ ଏବଂ ବରକୋଳି ଭଳି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ ମଧ୍ୟ ନିୟୋଜିତ ଥାଆନ୍ତି । କୃଷି ତୁଳନାମୂଳକ ଭାବେ ସମତଳ ଭୂମି ଏବଂ ଗଭୀର ମୃତ୍ତିକା ଆବରଣ ସହ ଅଳ୍ପ କିଛି ଅଂଶରେ କରାଯାଇଥାଏ । କୃଷି ମୋଟା ମୋଟି ଭାବେ ବର୍ଷାଜଳ ଉପରେ ନିର୍ଭରଶୀଳ ହୋଇଥାଏ । ଏହି ଅଞ୍ଚଳରେ ବାଜରା, ତୈଳବୀଜ ଏବଂ ଡ଼ାଲିଜାତୀୟ ଫସଲ ଉତ୍ପାଦନ କରାଯାଇଥାଏ ।

**ସାରଣୀ ନଂ 32.9 : ବିଭିନ୍ନ ଉତ୍ସରୁ ଆୟ**

**ବିଭିନ୍ନ ଉତ୍ସରୁ ପରିବାର ପିଛା ହାରାହାରି ଆୟ (ଟଙ୍କାରେ)**

| କୃଷି | ଶ୍ରମ ଉତ୍ପାଦ | ଅରଣ୍ୟ ଉତ୍ପାଦ | ପଶୁ ଉଦ୍ୟୋଗ | କପା | ମୋଟ |
|---|---|---|---|---|---|
| 2330 (24.89%) | 519 (5.5%) | 3149 (33.64%) | 3356 (35.85%) | 7 (0.08%) | 9361 (100.00%) |

(ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ଶତକଡ଼ାକୁ ସୂଚିତ କରୁଛି)

ଆୟର ଉତ୍ସ ହେଲା ପଶୁ ଏବଂ ପଶୁ ଉତ୍ପାଦ ଯେପରିକି କ୍ଷୀର, ଘିଅ ଇତ୍ୟାଦିର ବିକ୍ରି, ଜଙ୍ଗଲ ଜାତ ଦ୍ରବ୍ୟ, କୃଷି ଏବଂ ସମ୍ପର୍କିତ କାର୍ଯ୍ୟକଳାପ, କୁଟୀର ଶିଳ୍ପ ଏବଂ ବିଭିନ୍ନ ପ୍ରକାର ସ୍ଥାନୀୟ ସେବା । ସମସ୍ତ ଉତ୍ସରୁ ପରିବାରର ହାରାହାରି ବାର୍ଷିକ ଆୟ ଟ 9361/- ଅଟେ । ପ୍ରାଣୀ ଉତ୍ପାଦ ଏବଂ ଅରଣ୍ୟ ଉତ୍ପାଦରୁ ଆୟ ସୃଜନ ପ୍ରାୟ 69 ଶତକଡ଼ା ହୋଇଥାଏ, କୃଷିର ପ୍ରାୟ 25 ଶତକଡ଼ା, ଶାରିରୀକ ଶ୍ରମରୁ ପ୍ରାୟ 6(5.54) ଶତକଡ଼ା ଏବଂ ଅବଶିଷ୍ଟ ହସ୍ତଶିଳ୍ପ ତଥା ଅନ୍ୟାନ୍ୟ କାର୍ଯ୍ୟ ମାଧମରେ ହୋଇଥାଏ (ସାରଣୀ 32.9) ।

**ପାରିବାରିକ ପରିସମ୍ପତ୍ତି (Household Assets):**

ଆଦିବାସୀ ସମୁଦାୟ ପାଖରେ ବହୁତ ସୀମିତ ପାରିବାରିକ ପରି ସମ୍ପତ୍ତି ଥାଏ । ଘର, ବାସନକୁସନ, ଫର୍ଣ୍ଣିଚର, ଶସ୍ୟ ଭଣ୍ଡାରଣ ଡ୍ରମ୍, ଝୁଡ଼ି, ସଂଗୀତ ଯନ୍ତ୍ର ଏବଂ କୃଷି ଉପକରଣ ପରିବାରର ପରିସମ୍ପତ୍ତି ହୋଇଥାଏ । ଟଙ୍କା ଆକାରରେ ପରିବାର ପରିସମ୍ପତ୍ତି ମୂଲ୍ୟ 600 ଟଙ୍କାରୁ 9001 ଟଙ୍କା ମଧ୍ୟରେ ଥାଏ । ହାରାହାରି ଗୋଟିଏ ଘରର ମୂଲ୍ୟ ଟ 6000/-, କୃଷି ଉପକରଣ ଗୁଡ଼ିକ ମୂଲ୍ୟ ଟ 38 ବାସନକୁସନର ମୂଲ୍ୟ ଟ 210, ସଂଗୀତ ଯନ୍ତ୍ରାଦି ଟ69, ଶସ୍ୟ ରଖିବା ଡ୍ରମ୍ ଟ 68, ଝୁଡ଼ି ଟ 38 ଏବଂ ଅନ୍ୟାନ୍ୟ ଟ 81 (ସାରଣୀ 32.10) ।

**ସାରଣୀ ନଂ 32.10 : ପାରିବାରିକ ପରସମ୍ପତ୍ତିର ହାରାହାରି ମୂଲ୍ୟ (ଟଙ୍କାରେ)**

| ଘର | ଫର୍ଣ୍ଣିଚର | ବାସନକୁସନ | ଝୁଡ଼ି | ଶସ୍ୟ ରଖିବା ଡ୍ରମ୍ | କୃଷି ଯନ୍ତ୍ରପାତି | ସଂଗୀତ ଯନ୍ତ୍ର | ଅନ୍ୟାନ୍ୟ | ମୋଟ |
|---|---|---|---|---|---|---|---|---|
| 6800 | 210 | 279 | 38 | 68 | 384 | 69 | 81 | 7929 |

ପଶୁମାନେ ଆୟ, କ୍ଷୀର, ମାଂସ ଏବଂ ବସ୍ତୁ / ସାମଗ୍ରୀ ବିନିମୟର ପ୍ରମୁଖ ଉତ୍ସ ଅଟନ୍ତି । ଆଦିବାସୀ ସମୁଦାୟରେ ଘର ବା ପରିବାର ମୂଲ୍ୟ, ସେହି ପରିବାରରେ ଥିବା ପଶୁମାନଙ୍କ ସଂଖ୍ୟା ଆଧାରରେ ବିଚାର ବା ସ୍ଥିର କରାଯାଇଥାଏ । କୃଷି ଗ୍ରାମର କେତେକ ଅଂଶରେ ସୀମିତ ଅଟେ । ପାରିବାରିକ ଆୟକୁ ଅନୁପୂରଣ କରିବା ପାଇଁ ଚାରଣ ସମ୍ବନ୍ଧୀୟ କାର୍ଯ୍ୟକଳାପ ସହ କୃଷି କାର୍ଯ୍ୟ ମଧ୍ୟ କରାଯାଇଥାଏ । ପରିବାରର ଜଣେ କିମ୍ବା ଦୁଇଜଣ ସଦସ୍ୟ ଚିନାବାଦାମ ଏବଂ କପା ଚାଷରେ କାମ କରିବା ପାଇଁ ଗୁଜୁରାଟର ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡ଼ିକୁ ମଧ୍ୟ ଯାଇଥା'ନ୍ତି । ରୁକ୍ଷ ବାତାବରଣରେ ରହିବା / ବାସ କରିବା ଏବଂ କଠିନ ଜୀବନଯାପନ କରିବା ଏ ଅଞ୍ଚଳର ଆଦିବାସୀ ଲୋକଙ୍କ ପାଇଁ ସାଧାରଣ ଅଟେ । ଦାରିଦ୍ର୍ୟ ଏବଂ ବାରମ୍ବାର ମରୁଡ଼ି ପଡ଼ିବା ଯୋଗୁଁ ବାଧ୍ୟ ହୋଇ ଆଦିବାସୀ ଲୋକମାନେ ପ୍ରାୟତଃ ସେମାନଙ୍କର ଜୀବନ ନିର୍ବାହ ବା ଉତ୍ତର ଜୀବିକା ପାଇଁ ପଶୁ ଏବଂ ଫସଲ ଉତ୍ପାଦ ଗୁଡ଼ିକର ଅଭାବୀ ବିକ୍ରି (Distress sale) କରିଥା'ନ୍ତି ।

**ପାରସ୍ପରିକ ପ୍ରତିକ୍ରିୟା (Interactions):**

ଅଧ୍ୟୟନ ଅଞ୍ଚଳରେ ଆଦିବାସୀ ଜନସଂଖ୍ୟା ଅଳ୍ପ ଓ ମଧ୍ୟମ ଦୂରତାର ପାରସ୍ପରିକ ପ୍ରତିକ୍ରିୟା ବଜାୟ ରଖିଥା'ନ୍ତି । ଆମ୍ବାଜୀ ନିକଟତମ ବଜାର କେନ୍ଦ୍ର ଅଟେ । ଯେଉଁଠି ଅଧିକାଂଶ ପଶୁ, କୃଷି ଏବଂ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ହୋଇଥାଏ । (ସାରଣୀ 32.10 - 32.12) । ଲୁଗା, ବାସନ କୁସନ, ମସଲା, ଖାଦ୍ୟଶସ୍ୟ ଇତ୍ୟାଦି ପାରିବାରିକ ଆବଶ୍ୟକତା ଗଡ଼ିକ ମଧ୍ୟ ଋତୁକାଳିକ ଭାବେ (Seasonally) ଅମ୍ବାଜୀ ବଜାରରୁ କିଣାଯାଇଥାଏ । କର୍ମ ସ୍ଥଳ ସମ୍ପର୍କିତ ପାରସ୍ପରିକ ପ୍ରତିକ୍ରିୟା ବା ଆନ୍ତଃକ୍ରିୟା କ୍ଷେତ୍ରରେ ଶ୍ରମିକ ମାନଙ୍କର ପ୍ରାୟତଃ 87 ଶତକଡ଼ା ଗ୍ରାମ (ସେମ୍ଭେଲପାନୀ)ରେ ହିଁ କାର୍ଯ୍ୟ କରିଥା'ନ୍ତି । ଶ୍ରମିକ ମାନଙ୍କର ପ୍ରାୟ 7 ଶତକଡ଼ା ଚାକିରୀ ଅନ୍ୱେଷଣରେ ଅନ୍ୟ ସ୍ଥାନମାନଙ୍କୁ ଯାଇଥା'ନ୍ତି । ଏହା ପ୍ରାୟ 7 ରୁ 8 ମାସ ପାଇଁ ଆଖପାଖର ଗ୍ରାମ ଏବଂ ବଜାର ଗୁଡ଼ିକରେ 10 କି.ମି. ପର୍ଯ୍ୟନ୍ତ ଦୂରତା ମଧ୍ୟରେ ଯିବା ଆସିବା କରିଥା'ନ୍ତି । ଅବଶିଷ୍ଟ ପ୍ରାୟ 6 ଶତକଡ଼ା ଶ୍ରମିକ 4 ରୁ 6 ମାସ ପର୍ଯ୍ୟନ୍ତ ଆଖପାଖ ଜିଲ୍ଲା ଗୁଡ଼ିକରେ ଚିନାବାଦାମ ଏବଂ କପା କ୍ଷେତରେ କାମ କରିବା ପାଇଁ ଦୀର୍ଘ ଦୂରତା (50 କି.ମି.ରୁ ଅଧିକ) ପର୍ଯ୍ୟନ୍ତ ଯାଆନ୍ତି । ଚାରା ଘାସର ଏବଂ ଗଛର ପତ୍ର ଅଭାବ ମଧ୍ୟ ପଶୁଚାରଣକାରୀ ମାନଙ୍କୁ ସେମାନଙ୍କର ପଶୁମାନଙ୍କର ଗୋଠ ସହ ଉତ୍ତର-ପୂର୍ବ ଆଡ଼କୁ ଆରାବଳୀର ପାହାଡ଼ ଏବଂ ଗୁଜୁରାଟର ସମତଳ ଭୂମିରେ ନୀଦ ଉପତ୍ୟକା ଗୁଡ଼ିକ (ବନାସ, ସରସ୍ୱତୀ ଏବଂ ସାବରମତୀ)ର କଡ଼କୁ ସ୍ୱଳ୍ପ ଅବଧି ପାଇଁ ବାଧ୍ୟ କରିଥାଏ ।



ଟିପ୍ପଣୀ

**ସାରଣୀ ନଂ 32.11 : କର୍ମ ସ୍ଥଳ (Place of Work)**

| ସେମ୍ୱେଲପାନୀ | ମୋଟ ଶ୍ରମିକ | ସେହି ଗ୍ରାମରେ ଗ୍ରାମରେ | ଅନ୍ୟ ଗ୍ରାମ ଦୂରତା ସହ ସ୍ୱଳ୍ପ ଅବଧି | ଦୂରତା ସହ ଦୀର୍ଘ ଅବଧି |
|---|---|---|---|---|
| | 123 (100%) | 107 (89.95%) | 7(300 କି.ମି.) 4ମାସ (5.7%) | 9(800 କି.ମି.) 8 ମାସ (7.34%) |

**ସାରଣୀ ନଂ 32.12 : ବସ୍ତୁ ମାନଙ୍କର କ୍ରୟ ଓ ବିକ୍ରୟ ପାଇଁ ଆର୍ଥିକ ଆନ୍ତଃକ୍ରିୟା / ପାରସ୍ପରିକ ପ୍ରତିକ୍ରିୟା**

| ଅମ୍ବାଜୀ | ସେମ୍ୱେଲପାନୀ | ମୋଟ |
|---|---|---|
| 20 | 4 | 24 |

**ସାରଣୀ ନଂ 32.13 : ଜଙ୍ଗଲଜାତ ଦ୍ରବ୍ୟ ଏବଂ ସେଗୁଡ଼ିକର ବିକ୍ରୟ ସ୍ଥଳ :**

| ଉତ୍ପାଦ | ଜାଳେଣି କାଠ | ଗୁଗ୍‌ଗୁଲ | ଘାସ | ମହୁ | ଧୋଳି ମୁସଲୀ | ବୋର |
|---|---|---|---|---|---|---|
| ସ୍ଥାନ | ଅମ୍ବାଜୀ | ସେମ୍ୱେଲପାନୀ | ସେମ୍ୱେଲପାନୀ | ଅମ୍ବାଜୀ | ଅମ୍ବାଜୀ | ଅମ୍ବାଜୀ |

ଆଦିବାସୀ ଜନସଂଖ୍ୟା ଭାରତର ମୋଟ ଜନସଂଖ୍ୟାର 8 ଶତକଡ଼ା ଅଟେ । ସାଧାରଣତଃ ଉଚ୍ଚଭୂମି ଗୁଡ଼ିକରେ ଦୂରବର୍ତ୍ତୀ ଗ୍ରାମୀଣ ଅଞ୍ଚଳରେ ଦେଖାଯାଇଥା'ନ୍ତି । ଜଙ୍ଗଲ, ଚାରଣ ଭୂମି ଇତ୍ୟାଦି ଭଳି ସମ୍ବଳଗୁଡ଼ିକର ମାଲିକନା ସମୁଦାୟ ପାଇଁ ସଂଯୁକ୍ତ ହୋଇଥାଏ । ଆଦିବାସୀ ଲୋକମାନେ ଉଦ୍ଭିଦ ସଙ୍ଗେ ସଙ୍ଗେ ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ଏବଂ ପ୍ରନ୍ନୋତି ପାଇଁ ପରିଚିତ ଅଟନ୍ତି । ସାମଗ୍ରୀ ଓ ସେବାଗୁଡ଼ିକର ଆଦାନ ପ୍ରଦାନ ପାଇଁ ଆଦିବାସୀ ଲୋକେ ବସ୍ତୁ ବିନିମୟ ପ୍ରଥା (Barter system) ଅନୁସରଣ କରିଥା'ନ୍ତି ।

### ଆଦିବାସୀ ଅଞ୍ଚଳ ଉନ୍ନୟନ ପାଇଁ ପ୍ରସ୍ତାବିତ ଯୋଜନା :

ଆଦିବାସୀ ଅଞ୍ଚଳ ଉନ୍ନୟନ, ପରିବେଶୀୟ ଅଭିବୃଦ୍ଧି ଏବଂ ଅର୍ଥନୈତିକ ବିକାଶକୁ ସନ୍ତୁଳିତ ରଖି ସାଂସ୍କୃତିକ ପରିମ୍ପରାକୁ ଆଗେଇ ନେବାର ଚେଷ୍ଟା କରିଥାଏ । ଯେହେତୁ ଆଦିବାସୀ ସାମଜ ମୁଖ୍ୟତଃ ସେମାନଙ୍କ ଜୀବନ ନିର୍ବାହର ସାଧନ ରୂପରେ ଚାରଣ, ଜୀବନ ନିର୍ବାହ କୃଷି (Subsistence agriculture), ମତ୍ସ୍ୟଚାଷ, ଶିକାର ଆଦି ଉପରେ ନିର୍ଭର କରିଥା'ନ୍ତି, ଭୂମି, ଜଳ, ଉଦ୍ଭିଦ ଏବଂ ବନ୍ୟ ପ୍ରାଣୀମାନଙ୍କର ବିକାଶ ଆଦିବାସୀ ଅଞ୍ଚଳ ଉନ୍ନୟନର ମୌଳିକ ଉପାଦାନ ଅଟନ୍ତି । ଅଧ୍ୟୟନ ଅଞ୍ଚଳ ସମ୍ପର୍କିତ ଯୋଜନା ପ୍ରସ୍ତାବଗୁଡ଼ିକର ବିଭିନ୍ନ ଦିଗ ଉପରେ ଆଲୋଚନାର ଏକ ସଂକ୍ଷିପ୍ତ ବିବରଣ ତଳେ ଦିଆଗଲା ।

### ପରିସ୍ଥିତିକୀୟ / ପାରିବେଶିକ ଯୋଜନା (Ecological Planning) :

ପତିତଭୂମି, ପାହାଡ଼ିଆ ଢ଼ାଲୁ ଅଞ୍ଚଳ, ନଦୀ ଉପତ୍ୟକା ଅଞ୍ଚଳ ଏବଂ ରାସ୍ତାକଡ଼ରେ ମରୁଡ଼ି ପ୍ରତିରୋଧି ଉଦ୍ଭିଦ ଯେପରିକି ଲିମ୍ବ, ଶିଶୁ, ମହୁଲ, ବାଉଁଶ ଇତ୍ୟାଦି ରୋପଣ କରିବା ଆବଶ୍ୟକ ଅଟେ । ଏହି ବୃକ୍ଷଗୁଡ଼ିକର ଉତ୍ତରଜୀବିତା ଏବଂ ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ପୋଖରୀ, କୂଅ, ନଳକୂଅର ବ୍ୟବସ୍ଥା କରିବା ଉଚିତ୍ । ଏହା ସ୍ଥାନୀୟ ଲୋକଙ୍କୁ ସମ୍ଭବତଃ ରୋଜଗାର ଉପଲବ୍ଧ କରାଇବା ସଙ୍ଗେ ସଙ୍ଗେ ସ୍ଥାୟୀ ଭୌତିକ ସଂରଚନା ସୃଷ୍ଟି କରିପାରିବ ।

ଜଳ ଉତ୍ସଗୁଡ଼ିକର ବୃଦ୍ଧି ଭୂମିକୁ ସବୁଜ ଚାରଣ ଭୂମି ରୂପାନ୍ତରିତ କରିବା ଏବଂ କ୍ଷେତ ତଥା ଜଙ୍ଗଲଜାତ ଉତ୍ପାଦଗୁଡ଼ିକରେ ବୃଦ୍ଧି କରିବାରେ ସାହାଯ୍ୟ ହୋଇପାରିବ । ସବୁଜ ଚାରଣ ଭୂମି, ବଣସ୍ଥଳୀ ଏବଂ ଜଳାଧାରା ଗୁଡ଼ିକ ସଙ୍କଟାପନ୍ନ ପରିସଂସ୍ଥାକୁ ପୁନର୍ଜୀବିତ କରିବ, ଯାହା ବନ୍ୟପ୍ରାଣୀ ପ୍ରନ୍ନୋତି ପାଇଁ ଏକାନ୍ତ ଅନିବାର୍ଯ୍ୟ ଅଟେ ।

### ସାମାଜିକ ସୁବିଧା ପାଇଁ ଯୋଜନା ପ୍ରଣୟନ (Planning the social facilitiy) :

ସାମାଜିକ ଉନ୍ନୟନ ସୁନିଶ୍ଚିତ କରିବା ପାଇଁ ସାମାଜିକ ସୁବିଧା ଗୁଡ଼ିକର ବ୍ୟବସ୍ଥା କରିବା ଆବଶ୍ୟକ ଅଟେ । ସେମ୍ୱେଲପାନୀ ଗ୍ରାମରେ ସ୍ଥାନୀୟ ଲୋକଙ୍କ ପାଇଁ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ତିନୋଟି ଦୋକାନ

ଟିପ୍ପଣୀ

ଅଛି । ଦୁଇଟି କୂଅ, ଗୋଟିଏ ପୋଖରୀ ଏବଂ ନିକଟସ୍ଥ ନଦୀ ଗାଁକୁ ଜଳ ଯୋଗାଣର ଉତ୍ସ ରୂପେ କାର୍ଯ୍ୟ କରିଥା'ନ୍ତି । ଏକ ଗ୍ରାମୀଣ ରାସ୍ତା (ଅଧା ପକ୍କା) ଗାଁକୁ ଅମ୍ବାଜୀ ବଜାର କେନ୍ଦ୍ର ସହ ସଂଯୁକ୍ତ କରୁଛି । ଏପରିସ୍ଥଳେ ଏକ ଉଚ୍ଚ ବିଦ୍ୟାଳୟ, ଜଣେ ମହିଳା ଡାକ୍ତର, ଜଣେ ପଶୁ ଡାକ୍ତର, ଡାକ୍ତରଖାନା, ପି.ସି.ଓ ଏବଂ ଗୋଟିଏ ପ୍ରଣୟନ ଆବଶ୍ୟକ ଅଟେ । ରାସ୍ତାକୁ ଅମ୍ବାଜୀ ସହର ପର୍ଯ୍ୟନ୍ତ ପକ୍କା କରି ଏକ ସାର୍ବଜନିକ ପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଡ଼ିବ ।

**ଆର୍ଥିକ ବିକାଶ ପାଇଁ ଯୋଜନା**

ଜୀବନ ନିର୍ବାହ ସ୍ତରରେ ଥିବା ଗ୍ରାମର ପ୍ରଚଳିତ ଅର୍ଥ ବ୍ୟବସ୍ଥା ପ୍ରଯୁକ୍ତିଗତ (Technological) ସହାୟତା ଆବଶ୍ୟକ ଯଦ୍ୱାରା ଉଦ୍‌ବୃତ୍ତ (Surplus) ଉତ୍ପାଦନ ହୋଇପାରିବ । ଡାୟେରୀ ପଶୁ ଯେଉଁମାନେ କମ୍ କ୍ଷୀର ଦେଇଥା'ନ୍ତି, ସେମାନଙ୍କୁ ଗାଈ, ମେଣ୍ଢା ଏବଂ ମହିଷୀମାନଙ୍କର ଅଧିକ ଉତ୍ପାଦକ କ୍ଷମ ପ୍ରଜାତି ଦ୍ୱାରା ପ୍ରତିସ୍ଥାପନ କରାଯିବା ଉଚିତ୍ । ସ୍ଥାନୀୟ ପ୍ରଜାତିର ଗୁଣବତ୍ତାକୁ ସଂକରଣ ମାଧ୍ୟମରେ ଉନ୍ନତ କରାଯାଇପାରିବ । ସେହିପରି ଉତ୍ତମ ଆର୍ଥିକ ପ୍ରତ୍ୟାଗମ (Economic return) ପାଇଁ ମାଂସ ପ୍ରଦାନ କାରୀ ପଶୁ ତଥା ବୋଝ ବୋହୁଥିବା ପଶୁମାନଙ୍କର ମଧ୍ୟ ଗୁଣାତ୍ମକ ଅଭିବୃଦ୍ଧି କରାଯାଇପାରେ । ଅଧିକ କୃଷି ଉତ୍ପାଦନ ପାଇଁ କପା, ଚିନାବାଦାମ ଏବଂ ଚାରାଜାତୀୟ ଫସଲ ପରି ଅର୍ଥକାରୀ ଫସଲ ପ୍ରୋତ୍ସାହିତ କରାଯିବା ଆବଶ୍ୟକ ଅଟେ । ଉଦ୍‌ବୃତ୍ତ କୃଷି ଉତ୍ପାଦନର ପ୍ରକ୍ରିୟାକରଣ ପାଇଁ କୃଷି ଆଧାରିତ ଉଦ୍ୟୋଗ, କୁଟୀର ଶିଳ୍ପ ଏବଂ ହସ୍ତଶିଳ୍ପ ସ୍ଥାପିତ କରିବା ଉଚିତ୍ ।

**ଆଦିବାସୀ ଅଞ୍ଚଳ ଉନ୍ନୟନରେ ସାମଗ୍ରିକ ସଦୃଶ୍ୟ / ପରିପ୍ରେକ୍ଷଣ (Overall Perspective in Tribal Area Development):**

ସୁଯୋଗ ମିଳିଲେ, ଆଦିବାସୀ ସମୁଦାୟ ସାମାଜିକ - ଆର୍ଥିକ ଉନ୍ନୟନରେ ଶ୍ରେଷ୍ଠତ୍ୱ ହାସଲ କରିପାରିବେ ଏବଂ ସେମାନେ ଅଣ-ଆଦିବାସୀ ପ୍ରତିପକ୍ଷଙ୍କ ସହ ତାଳ ମିଳାଇ ଚାଲିପାରିବେ । ଆଦିବାସୀମାନଙ୍କର ଉତ୍ପାଦନର ପାରମ୍ପରିକ ବିଧି ଏବଂ ସେମାନେ ଆର୍ଥିକ ଭାବେ ଦରିଦ୍ର ହେବା ସତ୍ତ୍ୱେ, ସେମାନଙ୍କ ପାଖରେ ତୃଣ, ଜଡ଼ିବୁଟି ଉଦ୍ଭିଦ, ପଥର ଗୁଡ଼ିକ ସମ୍ବନ୍ଧରେ ଅଗାଧ ଜ୍ଞାନ ଥାଏ, ଯାହା ସେମାନେ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାର ରକ୍ଷଣାବେକ୍ଷଣରେ ଉପଯୋଗ କରିଥା'ନ୍ତି । ଆଦିବାସୀ ନୃତ୍ୟ, ସଂଗୀତ ଏବଂ ପାରମ୍ପରିକ କଳା ଗୁଣାତ୍ମକ ଦୃଷ୍ଟିରୁ ଉଚ୍ଚକୋଟୀର ହୋଇଥାଏ । ଏଣୁ ସ୍ଥାନୀୟ ଔଷଧ ଓ ସଂସ୍କୃତି ବିଷୟରେ ଆଦିବାସୀ ରୀତିନୀତି / ପ୍ରଥା ଏବଂ ଜ୍ଞାନକୁ ଆଗକୁ ପ୍ରନ୍ନୋତି କରାଯାଇପାରେ ଏବଂ ଏହାକୁ ନିୟୋଜନ ଏବଂ ଆୟ ସୃଜନ ପାଇଁ ଉପଯୋଗ କରିବାର ଆବଶ୍ୟକତା ଅଟେ । ସୁରମ୍ୟ ଦୃଶ୍ୟାବଳୀ ଏବଂ ପାହାଡ଼ିଆ ପରିବେଷ୍ଟନୀ (Hill surroundigs) ଦୁଃସାହସିକ ପର୍ଯ୍ୟଟନ ଯେପରିକି ପର୍ବତାରୋହଣ, ପଥର ଉପରେ ଚଢ଼ିବା, ନଦୀରେ ଭେଳା ଯାତ୍ରା କରିବା (River rafting) ଇତ୍ୟାଦି ପାଇଁ ଅଧିକ ଉପଯୁକ୍ତ ଅଟେ । ମୌଳିକ ସାମାଜିକ ସୁବିଧା ଗୁଡ଼ିକର ବ୍ୟବସ୍ଥା, ସୁନିଶ୍ଚିତ ଜଳସେଚନ ଏବଂ ଜଳଯୋଗାଣ ବ୍ୟବସ୍ଥା, ଶକ୍ତିର ଉପଲବ୍ଧତା ଇତ୍ୟାଦି ଉଦ୍ୟାନ (ରୋପଣ), ବନୀକରଣ, ବାଣିଜ୍ୟିକ ଚାରଣ ଏବଂ କୃଷିର ଗତି ତ୍ୱରାନ୍ୱିତ କରିବ । ପ୍ରତିବଦଳରେ ଏହା ଆଦିବାସୀ ପରିବାର ଗୁଡ଼ିକର ନିୟୋଜନ ଏବଂ ଆୟସ୍ତରକୁ ବୃଦ୍ଧି କରିବ । ଆଦିବାସୀ ସଂସ୍କୃତି, ଐତିହ୍ୟ ପରମ୍ପରା ଏବଂ ଜ୍ଞାନକୁ ନିରନ୍ତର ଆଧାରରେ ପ୍ରନ୍ନୋତି କରିବା ଆବଶ୍ୟକ ଅଟେ । ଏହା ଗର୍ବ ବୋଧକୁ ପ୍ରନ୍ନୋତି କରିବ ଏବଂ ଲୋକମାନଙ୍କର ସହଭାଗୀତା ତଥା ଅନୁକୂଳ ନୀତି ମାଧ୍ୟମରେ ସ୍ଥାନୀୟ ଅଞ୍ଚଳ ଉନ୍ନୟନର ଗତିକୁ ତ୍ୱରାନ୍ୱିତ କରିବ ।

**ପାଠ୍ୟଗତ ପ୍ରଶ୍ନ 32.4**

1. ନିମ୍ନଲିଖିତ ବାକ୍ୟମାନଙ୍କୁ ସମ୍ପୂର୍ଣ୍ଣ କରିବା ପାଇଁ ଉପଯୁକ୍ତ ଶବ୍ଦ ଲେଖ ।

   (କ) ମୋଟ ଭାରତୀୟ ଜନସଂଖ୍ୟାର ଆଦିବାସୀ ଜନସଂଖ୍ୟାର ଅନୁପାତ __________ ଅଟେ ।



ଟିପ୍ପଣୀ

(ଖ) ଛୋଟ ଶଙ୍କୁ ଆକାରର କୁଡ଼ିଆ, ଯେଉଁଠି ସେମ୍ୱେଲପାନୀର ଆଦିବାସୀ ମାନେ ବାସ କରନ୍ତି, ତା'କୁ __________ କୁହାଯାଏ ।

(ଗ) ଆଦିବାସୀ ସମୁଦାୟରେ ଆୟର ପ୍ରମୁଖ ଉତ୍ସ __________ ଅଟେ ।

(ଘ) ପଶୁ ଗୋଠ ସହ ଚାରଣ ଭୂମିର ଅନ୍ୱେଷଣରେ ଯିବା ଆସିବାର ଆଦିବାସୀ ପ୍ରଥାକୁ __________ କୁହାଯାଏ ।

2. ଆଦିବାସୀ ସମୁଦାୟର ତିନୋଟି ବିଶେଷତ୍ୱର ତାଲିକା କର :

(କ) __________ (ଖ) __________ (ଗ) __________

3. ଆଦିବାସୀ ଅଞ୍ଚଳ ଉନ୍ନୟନ ପାଇଁ ତିନୋଟି ପ୍ରାଥମିକତା ଉଲ୍ଲେଖ କର :

(କ) ______________________________

(ଖ) ______________________________

(ଗ) ______________________________

## 32.5 ସ୍ଥିତି ଅଧ୍ୟୟନ – IV

### ପାହାଡ଼ିଆ ଗ୍ରାମ ରଙ୍ଗଦୂମର ଅଧ୍ୟୟନ

**(ଜିଲ୍ଲା କାରଗିଲ - ଜାମ୍ମୁ ଓ କାଶ୍ମୀର)**

ରଙ୍ଗଦୂମ ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ବୃହତ୍ ହିମାଳୟ ପର୍ବତମାଳର ଅପରପାର୍ଶ୍ୱରେ ଅବସ୍ଥିତ ଏକ ପାହାଡ଼ିଆ ଗ୍ରାମ ଅଟେ । ଭୌଗଳିକ ଭାବେ ଲାଦାଖ ଅଞ୍ଚଳର କାରଗିଲ୍ ଜିଲ୍ଲାରେ $33^0 42'$ ଉତ୍ତର ଅକ୍ଷାଂଶ ଏବଂ $76^0 12'$ ପୂର୍ବ ଦ୍ରାଘିମା ଉପରେ ଅବସ୍ଥିତ ଅଟେ । ଏହା ସମୁଦ୍ର ପତ୍ତନ ଠାରୁ ପ୍ରାୟ 3820 ମିଟର ଉଚ୍ଚତାରେ ଅଛି । କାରଗିଲ୍ - ପନୁମ୍ ଜାତୀୟ ରାଜପଥ ରଙ୍ଗଦୂମ ମଧ୍ୟ ଦେଇ ଯାଇଅଛି । ଜାତୀୟ ରାଜପଥର ମଧ୍ୟ ଭାଗରେ ଅବସ୍ଥିତ ରଙ୍ଗ ଦୂମ, କାରଗିଲ୍ ଠାରୁ ଦକ୍ଷିଣରେ 118 କି.ମି. ଦୂରତାରେ ଅଛି । କାର୍‌ଗିଲ୍ ଠାରୁ ଲେହର ଦୂରତା ପ୍ରାୟ 176 କି.ମି. ଏହା ଏକ ମଠ ଆଶ୍ରମ ପୂର୍ଣ୍ଣ ପଛୁଆ ଗ୍ରାମ ଅଟେ ଏବଂ ଅପେକ୍ଷାକୃତ ନିଃସଙ୍ଗ ଉଚ୍ଚସ୍ତର ଉପତ୍ୟକାରେ ଉପତ୍ୟକା ପୃଷ୍ଠରେ ଅବସ୍ଥିତ ଅଟେ । ଗାଁରେ ଏକ ବିଦ୍ୟାଳୟ, ଏକ ଡ଼ାକଘର ଏବଂ ଶିବିର କରିବା ପାଇଁ ଏକ ପଡ଼ିଆ ଅଛି । ଗାଁରେ ଅଳ୍ପ କେତେକ ଦୋକାନ ଅଛି, ଯେଉଁଠି ପରିବାର ଗୁଡ଼ିକ ପାଇଁ ଖୁଚୁରା ସାମଗ୍ରୀ ମିଳିଥାଏ । 300 ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ 72 ଟି ପରିବାର ଅଛନ୍ତି । ପାହାଡ଼ିଆ ଅଞ୍ଚଳଗୁଡ଼ିକରେ ସାଧାରଣ ଛୋଟ ଛୋଟ ଗାଁ ବିକ୍ଷିପ୍ତ ଭାବେ ରହିଥା'ନ୍ତି । ଉପଲବ୍ଧ ଭୂମି ସମ୍ୱଳର ପୁନଶ୍ଚ ବିଭାଜନକୁ ପରିହାର କରିବା ପାଇଁ ଗାଁରେ ବହୁପତି ପରିବାର ପ୍ରଥା ପ୍ରଚଳିତ । ରଙ୍ଗଦୂମ ସୁରୁନଦୀ, ଯିଏ ବିରାଟ ସିନ୍ଧୁ ନଦୀର ବାମପାର୍ଶ୍ୱରେ ଏକ ଉପନଦୀ ଅଟେ ତାହାର ତୀରରେ ଅବସ୍ଥିତ ଅଟେ । ସରୁ ନଦୀ ପାଂଜିଲା (ଗିରିପଥ)ର ଜଳ ବିଭାଜକାରୁ ଉତ୍ପତ୍ତି ହୋଇଛି । ଏହି ଜଳ ବିଭାଜିକା ଜାଁସ୍କର ନଦୀର ଅଧିପତ୍ୟକାକୁ ସୁରୁ ନଦୀର ଅଧି ଗ୍ରହଣ କ୍ଷେତ୍ର (Catchment area)ରୁ ପୃଥକ୍ କରିଥାଏ । ସୁରୁ ନଦୀ, କାର୍‌ଗିଲ ସହର, ଯିଏ ସୁରୁ ବାମପାର୍ଶ୍ୱରେ ଉତ୍ତର ଦିଗରେ ସିନ୍ଧୁ ନଦୀ ସହ ସଂଯୁକ୍ତ ହୋଇଛି । ସୁରୁ ଏକ ଚିରସ୍ରୋତା ନଦୀ ଅଟେ । ଗ୍ରୀଷ୍ମ ଋତୁରେ, ଯେତେବେଳେ ତୁଷାର କ୍ଷେତ୍ର ଏବଂ ହିମବାହ ଗୁଡ଼ିକ ତରଳିଥା'ନ୍ତି, ନଦୀରେ ଜଳ ପ୍ରବାହ ଉଲ୍ଲେଖନୀୟ ଭାବେ ଅଧିକ ଥାଏ । ମାତ୍ର ଶୀତ ଋତୁରେ ନଦୀର ଧାର ସଙ୍କୁଚିତ ହୋଇଥାଏ କାରଣ ତାପମାତ୍ରା ହିମାଙ୍କରୁ କମ୍ ଥିବା ଯୋଗୁଁ ବରଫ ତରଳି ନଥାଏ ।

ରଙ୍ଗଦୂମ ଏକ ପ୍ରଶସ୍ତ ଉପତ୍ୟକାରେ ଅବସ୍ଥିତ ଯେଉଁଠାରେ ଅନେକ ଗୁଡ଼ିଏ ଧାରା ଆସି ସୁରୁନଦୀ ସହ ମିଶିଛନ୍ତି ଏବଂ ଏହି ଉପତ୍ୟକାରେ ଜୁଲ୍ ଡ଼ୋ ଏବଂ ତୁଙ୍ଗଡ଼ା ନାମକ ଦୁଇଟି ପଲ୍ଲୀ ଅଛି ଯାହା ଗୋଟିଏ ଅନ୍ୟଠାରୁ ପ୍ରାୟ 9 କି.ମି. ଦୂରତାରେ ଅବସ୍ଥିତ । ଏହି ଦୁଇଟି ପଲ୍ଲୀ ମଧ୍ୟରେ ପାହାଡ଼ ଉପରେ ରଙ୍ଗଦୂମ

ଗୋମ୍ପା ଅବସ୍ଥିତ ଅଟେ । ଏଠାକାର ଭୂମି ବଡ଼ ପଥର ଢ଼ିମା (Boulder) ଏବଂ ବାଲି ଗରଡ଼ା (Pebble) ରେ ପରିପୂର୍ଣ୍ଣ ଏବଂ ଅଧିକ ଉର୍ବର ନୁହେଁ ।

**ରଙ୍ଗ୍‌ଦୂମ ଗୋମ୍ପା**

'ଗୋମ୍ପା' ଶବ୍ଦଟି ବୌଦ୍ଧ ମଠକୁ ସୂଚିତ କରିଥାଏ । ଏହା ଏକ ଧାର୍ମିକ ଅନୁଷ୍ଠାନ ଅଟେ ଏବଂ ଲାଦାଖୀ ବୌଦ୍ଧମାନଙ୍କର ଜୀବନର ସମସ୍ତ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥାଏ । ରଙ୍ଗ୍‌ଦୂମର ସମସ୍ତ ଭୂମିର ମାଲିକାନା୍ ସ୍ୱତ୍ତ୍ୱ 'ଗୋମ୍ପା' ନାମରେ ଥାଏ ଏବଂ ଗ୍ରାମବାସୀ ଏଥିରେ ପ୍ରଜା (Tenants) ରୂପେ କାର୍ଯ୍ୟ କରିଥା'ନ୍ତି । ବୌଦ୍ଧ ସନ୍ନ୍ୟାସୀ ଲାମା କୌଣସି ଶାରିରୀକ କାର୍ଯ୍ୟ କରନ୍ତି ନାହିଁ । ବିଶ୍ୱାସ କରାଯାଏ ଯେ, ଯଦି ସେ ଶାରିରୀକ କାର୍ଯ୍ୟ କରିନ୍ତି, ତେବେ ଅସଂଖ୍ୟ ଜୀବ ମୃତ୍ୟୁର କରାଳ ଗ୍ରାସ ଆଡ଼କୁ ଅଗ୍ରସର ହେବେ । ରଙ୍ଗ୍‌ଦୂମ ଗୋମ୍ପା ପାହାଡ଼ ଉପରେ କେନ୍ଦ୍ରୀୟ ଭାବେ ଅବସ୍ଥିତ ଅଟେ ଏବଂ ଏହା ଜୁଲ୍‌ଡ଼ୋ ଏବଂ ଶୀଟୁଙ୍ଗ୍‌ଡ଼ା ପଲ୍ଲୀ ଗୁଡ଼ିକର ସାମାଜିକ - ଆର୍ଥିକ ଜୀବନକୁ ନିୟନ୍ତ୍ରିତ କରିଥାଏ । ଏକ ବୟସ୍କ ଲାମା, ଯିଏ ମଠର ଆର୍ଥିକ କାରବାର ସବୁର ଦେଖାରେଖା କରନ୍ତି, ଚକ୍କ୍-ଜୋଡ୍ ନାମରେ ପରିଚିତ ଅଟନ୍ତି । ଏଣୁ ଭୂମି ସମୁଦାୟର ହୋଇଥାଏ ଏବଂ ସ୍ଥାନୀୟ ପ୍ରଶାସନର ଗୋମ୍ପା ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୋଇଥାଏ । ଗ୍ରାମରେ ଲୋକମାନେ ବଂଶାନୁକ୍ରମେ ଆଧାରରେ ସ୍ଥାୟୀ ପ୍ରଜା ରୂପେ କାବ୍ୟ କରିଥା'ନ୍ତି ଏବଂ ଗୋମ୍ପା ଦ୍ୱାରା ନିର୍ଦ୍ଧାରିତ ନିୟମ ଗୁଡ଼ିକର ପାଳନ କରିଥା'ନ୍ତି । ଉତ୍ପାଦନର ଏକ ଅଂଶ ମଠକୁ ଦିଆଯାଇଥାଏ । ମାତ୍ର ଉତ୍ପାଦନରୁ ଅଂଶ (Share) ର ଅନୁପାତ ସ୍ଥାନୀୟ ପରିସ୍ଥିତି ଏବଂ ଆବଶ୍ୟକତାଗୁଡ଼ିକ ଆଧାରରେ ସମୟାନୁସାରେ ପରିବର୍ତ୍ତନ ହୋଇଥାଏ ।

**ଜଳବାୟୁ :**

ଗ୍ରାମରେ ଚରମ ମହାଦେଶୀୟ ଜଳବାୟୁ ପରିଲକ୍ଷିତ ହୋଇଥାଏ । ଏଠାକାର ଜଳବାୟୁ ସ୍ୱଳ୍ପ ବୃଷ୍ଟିପାତ, ବାର୍ଷିକ ଏବଂ ଦୈନିକ ତାପାମାତ୍ରାରେ ଅଧିକ ପରାସ (Range), ଉଷ୍ମ ଖରାଦିନ ଏବଂ ଅତ୍ୟଧିକ ଥଣ୍ଡା ଶୀତଋତୁ ଦ୍ୱାରା ଅଭିଲକ୍ଷିତ ହୋଇଥାଏ । ହାରାହାରି ମାସିକ ତାପମାତ୍ରା ଜାନୁୟାରୀରେ $-12^0C$ ରୁ ଜୁନ ମାସରେ $12^0C$ ପର୍ଯ୍ୟନ୍ତ ପରିବର୍ତ୍ତିତ ହୋଇଥାଏ । ତାପମାତ୍ରାର ଆନୁମାନିକ ବାର୍ଷିକ ପରାସ ପ୍ରାୟ $24^0C$ ଅଟେ । ଗ୍ରାମଟି ବୃଷ୍ଟି ଛାୟା ଅଞ୍ଚଳରେ ଅବସ୍ଥିତ ଅଟେ ଏବଂ 15 ସେ.ମି.ରୁ କମ୍ ବାର୍ଷିକ ବର୍ଷଣ ପ୍ରାପ୍ତ କରିଥାଏ । ଦୁର୍ଭାଗ୍ୟବଶତଃ, ବର୍ଷଣର ବିଶାଳ ପରିମାଣ ଶୀତ ଦିନେ ତୁଷାରପାତ ରୂପେ ହୋଇଥାଏ । ପାଣିପାଗ ଏବଂ ଜଳବାୟୁ ସମ୍ବନ୍ଧୀୟ ତଥ୍ୟାବଳୀର ଅଭିଲେଖନ ପାଇଁ ଗୁଲମାତାଙ୍ଗୋ ନିକଟସ୍ଥ ମାନ ମନ୍ଦିର ଅଟେ ।

**ବନସ୍ପତି :**

ଗୋଟିଏ ପଟେ ସମୁଦ୍ର ପତନ ଠାରୁ ଅଧିକ ଉଚ୍ଚତାରେ ଅବସ୍ଥିତ ଏବଂ ପଥୁରିଆ ଭୂପୃଷ୍ଠ ଅନ୍ୟପଟେ ଶୀତଳ ଶୁଷ୍କ/ ମରୁ (Cold arid) ଜଳବାୟୁ ଯୋଗୁଁ ରଙ୍ଗ୍‌ଦୂମରେ ପ୍ରତିକୂଳ ପରିବେଶ ଦେଖାଯାଇଥାଏ । ଜଳବାୟୁ, ବନସ୍ପତିର ସାମଗ୍ରିକ ପ୍ରତିରୂପକୁ ନିର୍ଦ୍ଦେଶିତ କରିଥାଏ । ଏହା ଏକାନ୍ତର ବା ପ୍ରତ୍ୟାବର୍ତ୍ତୀ (Alternating) ଉପତ୍ୟକା ଏବଂ ପର୍ବତମାଳାକୁ ଉପସ୍ଥାପନ କରିଥାଏ । ପର୍ବତମାଳାର ନଗ୍ନ ଶୀଳା ପୃଷ୍ଠ ମୃତ୍ତିକା ଏବଂ ବନସ୍ପତି ଆବରଣ ରହିତ ଅଟେ । ଅଧିକାଂଶ ଉଦ୍ଭିଦ ବୀଜର ଅଙ୍କୁରୋଦ୍‌ଗମ ଏବଂ ଉଦ୍ଭିଦର ବୃଦ୍ଧି ପାଇଁ ନ୍ୟୂନତମ $6^0C$ ତାପମାତ୍ରା ଆବଶ୍ୟକ କରିଥାନ୍ତି । ଉଚ୍ଚ ଦୈନିକ ତାପମାତ୍ରାର ପରାସ ହାରାହାରି ତାପମାତ୍ରାର ମୂଲ୍ୟକୁ ଭ୍ରମାତ୍ମକ କରିଦେଇଥାଏ । ଉଦ୍ଭିଦମାନଙ୍କର ବୃଦ୍ଧିର ଋତୁ ବର୍ଷକରେ 6 ମାସରୁ କମ୍ ଭିତରେ ସୀମିତ ହୋଇଥାଏ । ପ୍ରାୟ ଅଧିକାଂଶ ଉଦ୍ଭିଦ ଭୂମି-ସ୍ପର୍ଶୀ ବୁଦା ଏବଂ ଛୋଟ ବୃକ୍ଷ ହୋଇଥା'ନ୍ତି । ସମସ୍ତ ପତ୍ର ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ ହୋଇଥାଏ । ବନସ୍ପତି ପ୍ରକାର ଘାସ, ବୁଦା ଏବଂ ଛୋଟ ବୃକ୍ଷ ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଥାଏ ।

ଶୀତଳ ଶୁଷ୍କ ବାତାବରଣ ଯୋଗୁଁ ବିଶାଳ ଅଞ୍ଚଳ ସ୍ୱଳ୍ପ ବନସ୍ପତି ଦ୍ୱାରା ଆଚ୍ଛାଦିତ ହୋଇଥାଏ । ବନସ୍ପତି ଚାରଣ ପ୍ରତି ଅତି ସମ୍ବେଦନଶୀଳ ଏବଂ ଦୁର୍ବଳ ପ୍ରଜାତିର ହୋଇଥାଏ । ରଙ୍ଗ୍‌ଦୂମ୍ ନିକଟରେ ଚାରଣ ଘାସ ଏବଂ ଅପତୃଣ (Weeds) (ପଲିଗୋନମ୍ ଟର୍‌ସୁଓସମ୍ ଇତ୍ୟାଦି) ସାଧାରଣ ରୂପେ ହୋଇଥାଏ । ଖରାଦିନେ ଚାରଣ ସର୍ବାଧିକ ସାଧାରଣ କାର୍ଯ୍ୟକଳାପ ହୋଇଥାଏ । ଗ୍ରାମ, ସ୍ୱଳ୍ପ ସବୁଜିମା ସହ ଅତି ଅବସାଦ (Desolate)



ଟିପ୍ପଣୀ

ଚିତ୍ର ଉପସ୍ଥାପନ କରିଥାଏ । (Sea buckthorn) ଯା'ର ସ୍ଥାନୀୟ ନାମ 'ଜରମାଙ୍ଗ୍' ଅଟେ, ଖାଦ୍ୟ, ଇନ୍ଧନ ଏବଂ ଚାରା ରୂପେ ବ୍ୟବହୃତ ହୋଇଥାଏ । ଏହା ଏକ ଔଷଧୀୟ ଉଦ୍ଭିଦ ଅଟେ ଏବଂ ଏହାର ରସ ଶୁନ୍ ଡିଗ୍ରୀରୁ କମ୍ ତାପମାତ୍ରାରେ ମଧ୍ୟ ଜମାଟ ବାନ୍ଧି ନଥାଏ ।

**କୃଷି :**

ଗ୍ରାମର ମୋଟ ଭୌଗଳିକ କ୍ଷେତ୍ରଫଳ 289.76 ହେକ୍ଟୟର୍ ଅଟେ । ମୋଟ କୃଷି କ୍ଷେତ୍ରଫଳ 94.29 ହେକ୍ଟୟର୍ । କୃଷିଯୋଗ୍ୟ ପତିତ ଭୂମି 43.37 ହେକ୍ଟୟର୍ ଏବଂ ଅବଶିଷ୍ଟ 104.82 ହେକ୍ଟୟର୍ କୃଷି ପାଇଁ ଉପଲବ୍ଧ ନୁହେଁ । ଏଭଳି ସ୍ଥିତିରେ, ମୋଟ ଭୂମିର ଶତକଡ଼ା 40 ରୁ କମ୍ ଅଂଶରେ କୃଷିକାର୍ଯ୍ୟ ହୋଇଥାଏ । ପ୍ରାୟ 68.2 ଶତକଡ଼ା ଭୂମି ସ୍ୱତ୍ୱାଧିକାର 1 ହେକ୍ଟୟରରୁ ମଧ୍ୟ କମ୍ ଅଟେ, 27.3 ଶତକଡ଼ା 1 ରୁ 2.5 ହେକ୍ଟୟର୍ ଏବଂ ଅବଶିଷ୍ଟ 4.5 ଶତକଡ଼ା 5 ରୁ 10 ହେକ୍ଟୟର୍ ମଧ୍ୟରେ ହୋଇଥାଏ । ଏଣୁ ରଙ୍ଗଦୂମ ଗ୍ରାମରେ 95.5 ଶତକଡ଼ା ଚାଷୀ 2.5 ହେକ୍ଟୟରରୁ କମ୍ ଜମିରେ ଚାଷ କରିଥା'ନ୍ତି । ଏକ ସମ୍ବଳ ରୂପେ ଭୂମିର ବିତରଣ ବହୁତ ଅସମାନ / ବିଷମ ଅଟେ ।

ଏହି ଗ୍ରାମରେ କୃଷି ଜୀବନ ନିର୍ବାହ ପ୍ରକାରର ଅଟେ । ଏ ଅଞ୍ଚଳରେ ଉତ୍ପନ୍ନ କରାଯାଉଥିବା ଫସଲ ଗୁଡ଼ିକ ମଧ୍ୟରେ ଗ୍ରାମ୍ (ଆବରଣ ରହିତ ଯଅ), ଗହମ ଏବଂ ମଟର ଅନ୍ତର୍ଗତ ଅଟେ । ଗ୍ରୀମ୍, ଗହମ ଏବଂ ମଟରକୁ ମିଶାଇ ଭାଜି ଦିଆଯାଏ ଏବଂ ତାକୁ ପେଶାଯାଇ ସାମ୍ପା (ଏକ ପ୍ରକାର ଛତୁଆ) ତିଆରି କରାଯାଏ, ଯାହା ଏଠାକାର ପ୍ରଧାନ ଖାଦ୍ୟ ଅଟେ । ଗ୍ରୀମ୍‌କୁ 'ଛାଙ୍ଗ୍' ତିଆରି କରିବାରେ ବ୍ୟବହାର କରାଯାଇଥାଏ, ଯାହା ଏ ଅଞ୍ଚଳରେ ବୌଦ୍ଧମାନଙ୍କର ଜନପ୍ରିୟ ପାନୀୟ ଅଟେ । ଗ୍ରୀମ୍‌ର କିଣ୍ୱନ ଦ୍ୱାରା ଛାଙ୍ଗ୍ ତିଆରି କରାଯାଇଥାଏ । 'ମଟର' ଉଭୟ ପରିବା ରୂପରେ ଏବଂ ସମ୍ପା ତିଆରି କରିବାରେ ବ୍ୟବହୃତ ହୋଇଥାଏ । ଅନ୍ୟ ଫସଲ ଗୁଡ଼ିକ ମଧ୍ୟରେ ଚାରା ପାଇଁ ଓଲ୍ (ଆଲଫାଲଫା) ଆଉ କିଛି ଟୁମ୍ବା (ବକ୍ ଗହମ) ଏବଂ ବକ୍‌ଲା (ଶିମ୍ବ ଜାତୀୟ) ସମ୍ମିଳିତ ଅଟେ । ସମ୍ପ୍ରତି, ପର୍ଯ୍ୟଟକମାନଙ୍କର ଏବଂ ନିକଟବର୍ତ୍ତୀ ବଜାର ଅଞ୍ଚଳର ଚାହିଦା ପୂରଣ ନିମିତ୍ତ କେତେକ ପନିପରିବା ଉତ୍ପାଦନ ମଧ୍ୟ ଆରମ୍ଭ କରାଯାଇଛି । ମାତ୍ର ଅଧିକାଂଶ ଫସଲ ସ୍ୱ-ଉପଭୋଗ ପାଇଁ ଉତ୍ପାଦକ କରାଯାଇଥାଏ । ବିଭିନ୍ନ ଫସଲ ଗୁଡ଼ିକର ତୁଳନାତ୍ମକ ଅଧ୍ୟୟନ ଦର୍ଶାଉଛି ଯେ, ମୋଟ ଚାଷ କରାଯାଇ ବା କ୍ଷେତର ପ୍ରାୟ 64.6 ଶତକଡ଼ା ଜମିରେ ଗ୍ରୀମ୍ ଉତ୍ପାଦକ କରାଯାଇଥାଏ । ଏହାପରେ କ୍ରମଶଃ ମଟର (23.1 ଶତକଡ଼ା), ଚାରା (4.8 ଶତକଡ଼ା) ଗରାସ୍‌ଲ୍ / ବକ୍‌ଲା (4.1 ଶତକଡ଼ା), ଗହମ (2.4 ଶତକଡ଼ା) ଏବଂ ଅନ୍ୟାନ୍ୟ ଫସଲ (1 ଶତକଡ଼ା) ଚାଷ କରାଯାଇଥାଏ । ଏହିପରି କୃଷି ଏଠାରେ ଏକ ଋତୁକାଳିକ କାର୍ଯ୍ୟକଳାପ ହୋଇଥାଏ ଯାହା ବର୍ଷରେ 5 ର 6 ମାସ ପର୍ଯ୍ୟନ୍ତ ଜାରି ରହିଥାଏ । କୃଷି କାର୍ଯ୍ୟ ପାରମ୍ପରିକ ଉପକରଣ ସାହାଯ୍ୟରେ କରାଯାଇଥାଏ । ଚମରୀ ଗାଈ (Yak) ଅଥବା **ଦଜୋକୁ** ଜମି ହଳ କରିବା ଏବଂ ଫସଲ ମଳିବା ବା ପିଟି ଅଲଗା କରିବା (ଫସଲ ଅମଳ କରିବା) ପାଇଁ ବ୍ୟବହାର କରାଯାଇଥାଏ । ଅଧିକାଂଶ କାର୍ଯ୍ୟପାଇଁ ମାନବୀୟ ଶ୍ରମ ଉପଯୋଗ କରାଯାଇଥାଏ । ଆଧୁନିକ ଯନ୍ତ୍ରପାତି, ଉର୍ବରକ (Fertilizer) ଏବଂ ଉଚ୍ଚ ଅମଳକ୍ଷମ ପ୍ରଜାତିର ବିହନର ବ୍ୟବହାର ବହୁତ ସୀମିତ ଅଟେ । ଗାଁରେ ସାମୂହିକ ପ୍ରକାରର ଚାଷ ମଧ୍ୟ ସାଧାରଣ ଅଟେ । ଏହାକୁ **'ଫାସ୍ପୁନ୍'** କୁହାଯାଏ, ଯେଉଁଥିରେ ଶ୍ରମ ସଘନ କାର୍ଯ୍ୟ ଯେପରିକି ବୁଣିବା, ଅମଳ କରିବା ସମ୍ପୂର୍ଣ୍ଣ କରିବା ପାଇଁ ପରିବାର ଗୁଡ଼ିକର ସମୂହ ଏକାଠି ମିଶି ଯାଇଥା'ନ୍ତି । କୃଷିରେ ଖତ (ଗୋବର ଇତ୍ୟାଦି) ଏକ ମହତ୍ତ୍ୱପୂର୍ଣ୍ଣ ନିବେଶ ଅଟେ । ଏଥିରେ ପଶୁମାନଙ୍କର ଗୋବର ଏକ ମଳ ଅନ୍ତର୍ଭୁକ୍ତ ଅଟେ । ଏଠାରେ ଶୀତ ଦିନେ ଭୀଷଣ ଥଣ୍ଡା ପଡୁଥିବା ଯୋଗୁଁ ପ୍ରତ୍ୟେକ ଘରେ ଶୌଚାଳୟର ବ୍ୟବସ୍ଥା ଅଛି । ଏହା ସାଧାରଣତଃ ପଥମ ମହଲାରେ କାଠର ଚଟାଣରେଏକ କଣା କରି ତିଆରି କରାଯାଇଥାଏ । ମଳ ତଳ ମହଲରେ ସଂଗୃହୀତ ହୋଇଥାଏ । ଏହାକୁ ମାଟି ସହ ମିଶାଇ ଖତ ରୂପେ ଚାଷ ଜମିରେ ଉପଯୋଗ କରାଯାଇଥାଏ ।

**ଚାରଣ କାର୍ଯ୍ୟକଳାପ (Pastoral Activities) :**

ପଶୁପାଳନ, ଅର୍ଥବ୍ୟବସ୍ଥାର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଘଟକ ଅଟେ । କୃଷି କାର୍ଯ୍ୟ ପାଇଁ ଯେଉଁମାନଙ୍କର ଆବଶ୍ୟକତା ଅଛି ସେମାନଙ୍କୁ ବାଡ଼ି, ଅଧିକାଂଶ ପାଳିତ ପଶୁମାନଙ୍କୁ ଗ୍ରୀଷ୍ମ ଋତୁରେ ପ୍ରାକୃତିକ ଚାରଣ ଭୂମିକୁ

ନିଆଯାଇଥାଏ । ଅଧିକାଂଶ ଚାରଣ ଭୂମି ଉଚ୍ଚଭୂମିରେ ଅବସ୍ଥିତ ଅଛନ୍ତି । ମେଣ୍ଢା, ଛେଳି, ଘୋଡ଼ା ଏବଂ ଚମରୀଗାଇ ଭଳି ଅଧିକାଂଶ ପଶୁଙ୍କୁ ଚାରଣ ଭୂମିରେ ପାଳନ କରାଯାଇଥାଏ । ଏହି ଅଞ୍ଚଳ ଗୁଡ଼ିକରେ ମେଣ୍ଢା ଓ ଛେଳିମାନଙ୍କର ବଡ଼ ବଡ଼ ପଲ ରଖାଯାଇଥାଏ । ସାଧାରଣତଃ ପ୍ରତ୍ୟେକ ଗ୍ରାମରୁ ଗୋଟିଏ ପରିବାର ପଶୁମାନଙ୍କୁ ଖରାଦିନେ ଚାରଣ ଭୂମିକୁ ନେଇଯାଇଥା'ନ୍ତି ଏବଂ ସେଠାରେ ହିଁ ଗୋଟିଏ ଝୁମ୍ପୁଡ଼ିରେ ଯାହାକୁ 'ଦକ୍ଷ' କୁହାଯାଏ, ରହିଥା'ନ୍ତି । ଏହା ଏକ ସାମୟିକ ଢ଼ାଞ୍ଚା ଅଟେ । ଏହି କାର୍ଯ୍ୟକଳାପ ଅଥବା ପଶୁଚାରଣକୁ ଗାଁର ସମସ୍ତ ପରିବାର ବାର୍ଷିକ ଆଧାରରେ କରିଥା'ନ୍ତି । କ୍ଷୀର ଏବଂ କ୍ଷୀର ଉତ୍ପାଦ **'ଦକ୍ଷ'**ରେ ହିଁ ତିଆରି କରାଯାଇଥାଏ । କ୍ଷୀର ଏବଂ କ୍ଷୀର ଉତ୍ପାଦ ବ୍ୟତୀତ ପଶୁଚାରଣରୁ ମାଂସ ଏବଂ ପଶମ ଭଳି ମହତ୍ତ୍ୱପୂର୍ଣ୍ଣ ଉତ୍ପାଦ ପ୍ରାପ୍ତ ହୋଇଥାଏ ।

**ପର୍ଯ୍ୟଟନ :**

ରଙ୍ଗ୍‌ଦୂମ୍, ଗ୍ରୀଷ୍ମ ପର୍ଯ୍ୟଟନ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ଅଟେ । ଗ୍ରୀଷ୍ମ ଋତୁରେ ପର୍ଯ୍ୟଟକ ଏବଂ ଟ୍ରେକରମାନେ ରଙ୍ଗ୍‌ଦୂମ୍‌କୁ ପରିଦର୍ଶନରେ ଆସିଥା'ନ୍ତି । ଏକ ଅଟକଳ / ପ୍ରାକ୍‌କଳନ ଅନୁଯାୟୀ ଗ୍ରୀଷ୍ମକାଳରେ ଏଠାକୁ ପ୍ରାୟ 100 ପରିଦର୍ଶକ ଆସିଥା'ନ୍ତି । ମୋଟ ପର୍ଯ୍ୟଟକମାନଙ୍କ ମଧ୍ୟରୁ ପ୍ରାୟ 47.3 ଶତକଡ଼ା ଟ୍ରେକର, 38.2 ଶତକଡ଼ା ବୈଜ୍ଞାନିକ ଏବଂ ପ୍ରାୟ 14.5 ଶତକଡ଼ା ଅବର୍ଗୀକୃତ ପରିଦର୍ଶକ ଅଟନ୍ତି । ପ୍ରାୟ 78 ଶତକଡ଼ା ଆନ୍ତର୍ଜାତିକ ପର୍ଯ୍ୟଟକ ଅଟନ୍ତି । ଅବଶିଷ୍ଟ 22 ଶତକଡ଼ା ଦେଶୀ ବା ଘରୋଇ ପର୍ଯ୍ୟଟକ ଅଟନ୍ତି । ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପର୍ବ ହୋଇଥାଏ ଯାହା ପର୍ଯ୍ୟଟକ ମାନଙ୍କୁ ରଙ୍ଗ୍‌ଦୂମ୍ ଗୋମ୍ପାକୁ ଆସିବା ପାଇଁ ଆକର୍ଷିତ କରିଥାଏ । **ଲାଦାଖ ପର୍ବ** ପ୍ରତିବର୍ଷ ସେପ୍ଟେମ୍ବରରେ ଏବଂ **'ସିନ୍ଧୁ ଦର୍ଶନ'** ଜୁନ୍ ମାସରେ ପାଳନ କରାଯାଇଥାଏ । ଦେଶୀ ଏବଂ ବିଦେଶୀ ପର୍ଯ୍ୟଟକମାନେ ଉଭୟେ ଏହି ପବି ଗୁଡ଼ିକରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ହୋଇଥା'ନ୍ତି ।

**ଉନ୍ନୟନ / ବିକାଶ ପାଇଁ ପ୍ରତ୍ୟାଶା (Prospects for Development) :**

ସାମଗ୍ରିକ ବିଶ୍ଳେଷଣରୁ ଜଣାପଡୁଛି ଯେ, ରଙ୍ଗ୍‌ଦୂମ୍ ଗ୍ରାମବାସୀ ଋତୁକାଳିକ ଆଧାରରେ ଜୀବନ ନିର୍ବାହ କୃଷି ଏବଂ ଯାଯାବର ପଶୁଚାରଣ କରିଥା'ନ୍ତି । କୃଷି ଓ ଚାରଣ ଉଭୟରେ ଯୌଥ ଜମି ସମ୍ପାଦନର ଭୂମିକା ଗ୍ରାମର ଅର୍ଥବ୍ୟବସ୍ଥାରେ ଏବେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରୁଛି । ଏହି ଦୂରବର୍ତ୍ତୀ ପାହାଡ଼ିଆ ଗାଁରେ ଲୋକମାନେ ଦ୍ରବ୍ୟ ଏବଂ ସେବାର ଆଦାନ ପ୍ରଦାନ ପାଇଁ ବସ୍ତୁ ବିନିମୟ ବ୍ୟବସ୍ଥା / ପ୍ରଣାଳୀ ଉପରେ ନିର୍ଭର କରିଥା'ନ୍ତି । ମାତ୍ର, ଫସ୍କୁନ୍ (ଯୌଥ / ମିଳିତ କର୍ମ ସମ୍ପାଦନ)ର ଭୂମିକା ହ୍ରାସ ପାଉଛି ଏବଂ ଭଡ଼ାରେ ଶ୍ରମ ଦ୍ୱାରା ପ୍ରତିସ୍ଥାପିତ ହେଉଅଛି । ପରିବର୍ତ୍ତନ ମନ୍ଥର ଏବଂ ଗତିଶୀଳ ଅଟେ । ପାହାଡ଼ିଆ ଅଞ୍ଚଳ ଗୁଡ଼ିକରେ ପ୍ରକୃତି, ମାନବୀୟ କାର୍ଯ୍ୟକଳାପ ଗୁଡ଼ିକର ପ୍ରମୁଖ ନିର୍ଦ୍ଧାରକ ହୋଇଥାଏ । ପାହାଡ଼ିଆ ଅର୍ଥବ୍ୟବସ୍ଥାରେ ପର୍ଯ୍ୟଟନ ଏକ ନୂତନ ପରିସର ଅଟେ । ସମାଜ ସ୍ଥୂଳତଃ ଅତୁଟ ଏବଂ ଶାନ୍ତ ଅଟେ । ପାହାଡ଼ିଆ ଅଞ୍ଚଳରେ ଉନ୍ନୟନର ଅବକାଶ, ସଡ଼କ, ସାମାଜିକ ସୁବିଧା, ବଜାର ଇତ୍ୟାଦି ଭଳି ଅନିବାର୍ଯ୍ୟ ଭିତ୍ତିଭୂମିର ବ୍ୟବସ୍ଥା ପ୍ରଦାନ ଉପରେ ନିର୍ଭର କରିଥାଏ । କୃଷିରେ ଯନ୍ତ୍ରୀକରଣ (Mechanisation) ଏବଂ ବାଣିଜ୍ୟିକ ଚାରଣ ଅନ୍ୟ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର ଯାହା ପାହାଡ଼ିଆ ଅଞ୍ଚଳ ଯେପରିକି ରଙ୍ଗ୍‌ଦୂମ୍‌ରେ ଉନ୍ନୟନ ବା ବିକାଶ ଗୁଡ଼ିକୁ ତ୍ୱରାନ୍ୱିତ କରିପାରେ ।

> **କୃଷି ଯୋଗ୍ୟ ପିତିତ ଭୂମି :** ଯେଉଁ ଭୂମି କୃଷି ପାଇଁ ଉପଯୁକ୍ତ ଅଟେ ମାତ୍ର ବର୍ତ୍ତମାନ କୃଷି ପାଇଁ ଉପଯୋଗ କରାଯାଉ ନାହିଁ ।
>
> **ପଟ୍ଟାରେ ନିଆଯାଇଥିବା ଭୂମି (Leased land) :** କିଛି ସମୟ ପାଇଁ ପଟ୍ଟାରେ ଜମି ନେବା ।
>
> **ଜୀବନ ନିର୍ବାହ ପ୍ରକାର କୃଷି :** ଏହା ଏକ ପ୍ରକାର କୃଷି ଅଟେ ଯେଉଁଥିରେ ସୀମିତ ଉତ୍ପାଦନ ହୋଇଥାଏ, ଯାହା ଅଧିକାଂଶ ସ୍ଥାନୀୟ ସ୍ତରରେ ଉପଯୋଗ କରାଯାଇଥାଏ ।

**ପାହାଡ଼ିଆ ଅଞ୍ଚଳ ଉନ୍ନୟନ ପାଇଁ ପ୍ରସ୍ତାବିତ ଯୋଜନା :**

ପାହାଡ଼ିଆ ଅଞ୍ଚଳଗୁଡ଼ିକ ସାଧାରଣତଃ ରୁକ୍ଷ ଜଳବାୟୁ ଶତାବରଣ ଏବଂ ଅନ୍ୟାନ୍ୟ ପ୍ରାକୃତିକ ବାଧ୍ୟବାଧକତା ଯୋଗୁଁ ପଛୁଆ ରହିଥା'ନ୍ତି । ମାତ୍ର, ସ୍ଥାନୀୟ ଆବଶ୍ୟକତା ଆଧାରିତ ଯୋଜନାବଦ୍ଧ ପ୍ରୟାସ ପାହାଡ଼ିଆ ପରିବେଶରେ ଲୋକଙ୍କର ସହଭାଗୀତା ଏବଂ ସ୍ଥାନୀୟ ଅଞ୍ଚଳ ଉନ୍ନୟନର ଗତିକୁ ତ୍ୱରାନ୍ୱିତ କରିପାରିବ ।



ଟିପ୍ପଣୀ

ରଙ୍ଗ୍‌ଦୂମ୍ ଅଞ୍ଚଳର ଉନ୍ନୟନ ପାଇଁ ଯୋଜନାର ନିମ୍ନଲିଖିତ ପ୍ରାଥମିକତା ଗୁଡ଼ିକ ପ୍ରସ୍ତାବ କରାଯାଉଛି ।

**1. ମୌଳିକ ସୁବିଧା ଏବଂ ସୁଖ-ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା :**

ମୌଳିକ ଭିତ୍ତିଭୂମି ଯଥା – ପକ୍କା ସଡ଼କ, ପରିବହନର ସାଧନ / ମାଧ୍ୟମ, ରାଜପଥ ରେଷ୍ଟୁରାଣ୍ଟ, ଅତିଥିଶାଳା, ସ୍ୱାସ୍ଥ୍ୟକେନ୍ଦ୍ର, ପାଣିପାଗ କେନ୍ଦ୍ର, ବିଦ୍ୟାଳୟ, ପଶୁ ଚିକିତ୍ସା କେନ୍ଦ୍ର, ବଜାର,ବ୍ୟାଙ୍କ ଏବଂ ଡାକସେବାର ଉନ୍ନତୀକରଣ ଏବଂ କାର୍‌ଗିଲ୍ ପଦୁମ୍ ରାଜପଥ କଡ଼ରେ ସ୍ଥାପିତ କରିବା ଆବଶ୍ୟକ ଅଟେ । ଏହା ମାନବୀୟ ଆନ୍ତଃକ୍ରିୟା ଏବଂ ସ୍ଥାନୀୟ ଅଞ୍ଚଳ ଉନ୍ନୟନର ଏକ ଆଧାର ରୂପେ କାର୍ଯ୍ୟ କରିବ ।

**2. ପରିସ୍ଥିତିକୀୟ ତନ୍ତ୍ର ଏବଂ ଆର୍ଥିକ ଆଧାରର ଅଭିବୃଦ୍ଧି ପାଇଁ ବ୍ୟବସ୍ଥା :**

ଏଠାକାର ପରିସ୍ଥିତିକୀୟ ତନ୍ତ୍ର / ବ୍ୟବସ୍ଥା ବ୍ୟାପକ ରୂପେ ବନସ୍ପତି ରହିତ ଅଟେ । ବ୍ୟାପକ ହାରରେ ଚାରଣ କାର୍ଯ୍ୟକଳାପର ପରିଣାମସ୍ୱରୂପ ପରିସ୍ଥିତିକୀୟ ବ୍ୟବସ୍ଥାରେ ଅଧୋଗତି ହୋଇଛି । ପଶୁମାନଙ୍କର ସଂଖ୍ୟାର ଚାପ ପର୍ବତ ମାଳା ଗୁଡ଼ିକ ଉପରେ ପଡୁଛି ଏବଂ ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏପରିସ୍ଥଳେ ଜାତୀୟ ରାଜପଥ କଡ଼େ କଡ଼େ ଏବଂ ସୁରୁ ଉପତ୍ୟକା ଅଞ୍ଚଳରେ ଉଚ୍ଚଭୂମି ଥଣ୍ଡା ପ୍ରତିରୋଧି ବୃକ୍ଷ ସବୁ ରୋପଣ କରିବା ପାଇଁ ପରାମର୍ଶ ଦିଆଯାଉଛି । **'ଜେରମାଙ୍ଗ୍'** ସ୍ଥାନୀୟ ବରକୋଳି ଜାତୀୟ ଗଛ, ଯାହାର ବାଣିଜ୍ୟିକ ମୂଲ୍ୟ ସୁବିଦିତ ଅଟେ ଏବଂ ଯା'ର ରସ ହିମାଙ୍କରୁ କମ୍ ତାପମାତ୍ରାରେ ମଧ୍ୟ ଜମାଟ ବାନ୍ଧେ ନାହିଁ, ମଧ୍ୟ ଲଗାଯାଇପାରେ । ସେହିପରି ଚାରଣ ଭୂମି ଗୁଡ଼ିକର ପରିଚାଳନା ଜଳ ସେଚନ ଧାରାଗୁଡ଼ିକ ଦ୍ୱାରା କରାଯିବା ଉଚିତ୍ । ସୁରୁ ଉପତ୍ୟକା ଅଞ୍ଚଳର ଜମି ଗୁଡ଼ିକରେ ରାସାୟନିକ ଉର୍ବରକର ଉପଯୋଗ ଏବଂ ସୁନିଶ୍ଚିତ ଜଳସେଚନ କୃଷି ଉନ୍ନୟନର ବିଦ୍ୟମାନ ସ୍ତରର ଅଭିବୃଦ୍ଧି କରିପାରିବ ।

**3. ପର୍ଯ୍ୟଟନ ପ୍ରନ୍ନୋତି :**

ପଥୁରିଆ ଭୂ-ଆକୃତି ଏବଂ ହିମବାହ ଆଚ୍ଛାଦିତ ଭୂ-ଦୃଶ୍ୟ ଅଭିଯାନ, ଦୁଃସାହସିକ ପର୍ଯ୍ୟଟନ, ଶିଳାରୋହଣ (Rock climbing) ଭୂ-ଦୃଶ୍ୟ, ସ୍କେଟିଙ୍ଗ୍, ଟ୍ରେକିଙ୍ଗ୍ ଇତ୍ୟାଦି ପାଇଁ ଆଦର୍ଶ ପ୍ରାକୃତିକ ବାତାବରଣ ଉପସ୍ଥାପନ କରିଥାଏ । ନନ୍-କୁନ୍ ଶୃଙ୍ଗାବଳୀ ଏବଂ ପାଞ୍ଜିଲା ଗିରି ସଂକଟ ମଧ୍ୟରେ ଏଭଳି ପର୍ଯ୍ୟଟନର ପ୍ରନ୍ନୋତି୍ ପାଇଁ ରଙ୍ଗ୍‌ଦୂମ୍ କେନ୍ଦ୍ରୀୟ ଅବସ୍ଥିତି ଅଧିକାର କରିଛି । ମାତ୍ର ଏଥିପାଇଁ ହୋଟେଲ୍, ଶିବିର ସ୍ଥଳ, ମାର୍ଗ ଦର୍ଶକ (Guide), ଦେହରକ୍ଷୀ ବା ସୁରକ୍ଷାକର୍ମୀ ଭଳି ପର୍ଯ୍ୟଟକ ସୁଖ-ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା କରିବା ଆବଶ୍ୟକ ଅଟେ । ବୈଜ୍ଞାନିକ ଏବଂ ସାଂସ୍କୃତିକ ପର୍ଯ୍ୟଟନର ମଧ୍ୟ ବିକଶିତ ହେବା ପାଇଁ ଅବକାଶ ଅଛି । ବୈଜ୍ଞାନିକ ଏବଂ ସାଂସ୍କୃତିକ ପର୍ଯ୍ୟଟକମାନେ ଆଗରୁ ହିଁ ବୌଦ୍ଧ ସଂସ୍କୃତି, ଗୋମ୍ପା ସଂଗଠନ, ଶିଳା ଏବଂ ଉନ୍ନତି ମାନଙ୍କ ଅନ୍ୱେଷଣ ପ୍ରତି ଆକୃଷ୍ଟ ହୋଇଛନ୍ତି ।

**4. ବାଣିଜ୍ୟିକ ଚାରଣ ଏବଂ କୂଟୀର ଶିଳ୍ପର ବିକାଶ :**

ଚାରଣ ଏ ଅଞ୍ଚଳର ଏକ ମହତ୍ତ୍ୱପୂର୍ଣ୍ଣ ଅର୍ଥନୈତିକ କାର୍ଯ୍ୟକଳାପ ଅଟେ । ମାତ୍ର ପଶୁ ଉତ୍ପାଦନ ଏବଂ ପଶୁମାନଙ୍କର ଗୁଣବତ୍ତା ଅତି ଖରାପ ଅଟେ । ଏପରି ସ୍ଥଳେ ପଶୁମାନଙ୍କର ଯଥା – ମେଣ୍ଢା, ଛେଳି, ଚମରୀଗାଈ, ଘୋଡ଼ା ଆଦି ଗୁଣବତ୍ତାର ଉନ୍ନତୀକରଣ ଏକାନ୍ତ ଆବଶ୍ୟକ ଅଟେ । କର୍‌କୁଇଲ୍ ମେଣ୍ଢା, ଛେଳି ଇତ୍ୟାଦି ସହ ସ୍ଥାନୀୟ ପ୍ରଜାତିର ସଂକରଣ କ୍ଷୀର, ପଶମ, ଇତ୍ୟାଦିର ଗୁଣାବତ୍ତା ସଙ୍ଗେ ସଙ୍ଗେ ପରିମାଣ ମଧ୍ୟ ଅଭିବୃଦ୍ଧି କରିପାରିବ । କୂଟୀରଶିଳ୍ପ, ଯାହା ଶୀତକାଳୀନ ଗୃହ ଅଭ୍ୟନ୍ତର କାର୍ଯ୍ୟକଳାପର ଆଧାର ଅଟେ । ଆଧୁନିକ ଯନ୍ତ୍ରପାତି ଏବଂ ଉପଯୁକ୍ତ ବଜାର ବ୍ୟବସ୍ଥା ଦ୍ୱାରା ସମ୍ପନ୍ନ କରିବା ଆବଶ୍ୟକ । ଏହା ସ୍ଥାନୀୟ ଲୋକଙ୍କର ଆର୍ଥିକ ସ୍ଥିତିର ଅଭିବୃଦ୍ଧି କରିବା ।

**5. ବ୍ୟବସାୟିକ ସମ୍ପର୍କ ଏବଂ ଆଞ୍ଚଳିକ ଆନ୍ତଃକ୍ରିୟା / ପାରସ୍ପରିକ କ୍ରିୟା**

ସ୍ଥାନୀୟ ଉଦ୍‌ବୃତ୍ତ ଉତ୍ପାଦ ଗୁଡ଼ିକର ବ୍ୟବସାୟିକ ସମ୍ପର୍କ ଆଞ୍ଚଳିକ ଏବଂ ଜାତୀୟ ବଜାର ଗୁଡ଼ିକ ସହ ସଂଯୁକ୍ତ କରିବା ଆବଶ୍ୟକ ଅଟେ । ସେବାକେନ୍ଦ୍ର, ଖୋଲିବା, ଆର୍ଥିକ ସହାୟତା (Subsidies) ବ୍ୟବସ୍ଥା କରିବା, ସହାୟକ ସେବା କେନ୍ଦ୍ର ଗୁଡ଼ିକ ସ୍ଥାନରେ ସରକାରୀ ସହାୟତା, ସ୍ଥାନୀୟ ଏବଂ ଆଞ୍ଚଳିକ ଉତ୍ପାଦ ଗୁଡ଼ିକର ବିକ୍ରି

କରିବାରେ ସର୍ବାଧିକ ଉପଯୋଗୀ ହୋଇପାରିବ । ଏହା ସ୍ଥାନୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ମଧ୍ୟ କରିପାରିବ । ପାରମ୍ପରିକ ମାର୍ଗ ଏବଂ ବ୍ୟବସାୟିକ ସଂଯୋଗକୁ ଦୃଢ଼ୀଭୂତ କରିବା ଆବଶ୍ୟକ ଅଟେ ।

## ପାଠ୍ୟଗତ ପ୍ରଶ୍ନ 32.5

1. ନିମ୍ନଲିଖିତ ବାକ୍ୟ ଗୁଡ଼ିକୁ ଉପଯୁକ୍ତ ଶବ୍ଦ ଦ୍ୱାରା ସମ୍ପୂର୍ଣ୍ଣ କର ।

(କ) ତୀଖ ଢ଼ାଲୁ ଏବଂ ସମୁଦ୍ର ପତ୍ତନ ଠାରୁ ବହୁ ଉଚ୍ଚରେ ଥିବା ଅଞ୍ଚଳକୁ ________ କୁହାଯାଏ ।

(ଖ) ଲାଦାଖ ଅଞ୍ଚଳରେ ବୌଦ୍ଧ ମଠକୁ ________ କୁହନ୍ତି ।

(ଗ) ଜଣେ ବୟସ୍କ ଲାମା, ଯିଏ ମଠର ଆର୍ଥିକ ବ୍ୟାପାର ଦେଖାଶୁଣା କରନ୍ତି, ତାଙ୍କୁ ________ କୁହାଯାଏ ।

(ଘ) ପାହାଡ଼ିଆ ଅଞ୍ଚଳ ଗୁଡ଼ିକରେ ଗ୍ରାମୀଣ ବସତି ଗୁଡ଼ିକର ବିତରଣ ________ ହୋଇଥାଏ ।

2. ତାଲିକା I ସହ ତାଲିକା II ର ମେଳଣ କର :

| ତାଲିକା I ଶବ୍ଦ | | ତାଲିକା II ପରିଭାଷା |
|---|---|---|
| (କ) ଫୁସ୍ସୁନ୍ | (i) | ଲାଦାଖ ଅଞ୍ଚଳରେ ଲୋକପ୍ରିୟ ପାନୀୟ |
| (ଖ) ଛାଙ୍ଗ୍ | (ii) | ଗ୍ରୀଷ୍ମ କାଳୀନ ଚାରଣ ସମୟରେ ସାମୟିକ ମାନବୀୟ ଆବାସ ରୂପେ ବ୍ୟବହୃତ ଝୁମ୍ପୁଡ଼ି |
| (ଗ) ଜୋ | (iii) | କୃଷି କର୍ମ ସମ୍ପାଦାନର ଏକ ସାମୂହିକ ରୂପ |
| (ଘ) ଦକ୍ଷ | (iv) | ହଲ ଏବଂ ମଳିବା କର୍ମ ସମ୍ପାଦନ ପାଇଁ ବ୍ୟବହୃତ ଏକ ଏକ ପଶୁ |

3. ପାହାଡ଼ିଆ ଅଞ୍ଚଳ ଉନ୍ନୟନ ପାଇଁ ଯୋଜନାର ତିନୋଟି ପ୍ରାଥମିକତା ଉଲ୍ଲେଖ କର ।

## କ'ଣ ଶିଖିଲ :

ଏହି ଅଧ୍ୟାୟରେ ତୁମେ ଶିଖିଲ ଯେ, ଲୋକ ଏବଂ ସ୍ଥାନ ମାନଙ୍କ ବିଷୟରେ ପ୍ରତ୍ୟକ୍ଷ ସୂଚନା ପାଇବା ପାଇଁ କ୍ଷେତ୍ର କାର୍ଯ୍ୟ ପ୍ରୟୋଜନୀୟ ଅଟେ । ଏପରି ସଂଗୃହୀତ ସୂଚନା ସାଧାରଣ ଧାରଣା ଏବଂ ଅର୍ଥପୂର୍ଣ୍ଣ ସ୍ପଷ୍ଟୀକରଣ ପାଇଁ ଉପଯୋଗୀ ହୋଇଥାଏ । ତଥାପି, ଅଞ୍ଚଳ ଉନ୍ନୟନ ସମ୍ପର୍କିତ ବିଷୟ / ସମସ୍ୟା ଏବଂ ବିଭିନ୍ନ ପ୍ରସଙ୍ଗ ଉପରେ ଯୋଜନା ପ୍ରସ୍ତାବ ପ୍ରସ୍ତୁତି ପାଇଁ କ୍ଷେତ୍ର କାର୍ଯ୍ୟ ଅପର୍ଯ୍ୟାପ୍ତ ହୋଇଥାଏ । ପ୍ରସଙ୍ଗ କିମ୍ବା ସମସ୍ୟା ବିନିର୍ଦ୍ଦିଷ୍ଟ ପରିସ୍ଥିତି ନିର୍ଦ୍ଦିଷ୍ଟ ବିଷୟ ସମ୍ପର୍କିତ ଗହନ ସୂଚନା ତଲବ କରିଥାଏ, ଯାହା ସ୍ଥିତି ଅଧ୍ୟୟନ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଥାଏ । ଯେହେତୁ ବିଷୟ ବା ସମସ୍ୟା ଗୁଡ଼ିକ ଗୋଟିଏ ଅନ୍ୟଠାରୁ ଭିନ୍ନ ହୋଇଥା'ନ୍ତି, ସ୍ଥିତି ଅଧ୍ୟୟନର ନକ୍ସା ବା ପରିକଳ୍ପନା ମଧ୍ୟ ବିଷୟ / ସମସ୍ୟା ଅନୁଯାୟୀ ପରିବର୍ତ୍ତନ ହୋଇଥାଏ, ଯାହାର ଅନୁସନ୍ଧାନର ବିସ୍ତୃତ ସୂକ୍ଷ୍ମ ବିବରଣୀ ଏକତ୍ରୀତ କରାଯାଇପାରିବ । ଏହି ପାଠ / ଅଧ୍ୟାୟରେ ଚାରୋଟି ସ୍ଥିତି ଅଧ୍ୟୟନ; ବଜାର, ଝୁମ୍ପୁଡ଼ି ବସ୍ତି, ଆଦିବାସୀ ଏବଂ ପାହାଡ଼ିଆ ଅଞ୍ଚଳର ଉପସ୍ଥାପନତା କରାଯାଇଛି । ବଜାର ଅଞ୍ଚଳର ସ୍ଥିତି ଅଧ୍ୟୟନ, ବିଭିନ୍ନ ବଜାରର ବସ୍ତୁ / ସାମଗ୍ରୀ ବିକ୍ରି ପାଇଁ ସଂରଚନା ତଥା ବିଶେଷକରଣ (Specilization) ସମ୍ବନ୍ଧିତ ଉଲ୍ଲେଖନୀୟ ବିବିଧତା ଦର୍ଶାଉଛି । ଯେତେବେଳେ କି ସାପ୍ତାହିକ ହାଟରେ ସାମୟିକ ସଂରଚନା ଏବଂ ଭ୍ରାମ୍ୟମାନ ବିପଣନ (ବ୍ୟବସ୍ଥା) ହୋଇଥାଏ, ପାଇକାରୀ ବଜାର, ସ୍ଥାୟୀ ସଂରଚନା ଏବଂ ନିୟମିତ



ଟିପ୍ପଣୀ

ବିପଣନ ବ୍ୟବସ୍ଥାକୁ ଉପସ୍ଥାପନ କରିଥାଏ । ଝୁମ୍ପୁଡ଼ି ବସ୍ତିର ସ୍ଥିତି ଅଧ୍ୟୟନ କେବଳ ମାତ୍ର ନ୍ୟୂନତମ ସୁବିଧା ସୁଯୋଗରୁ ବଞ୍ଚିତ ସ୍ଥଳ, ବ୍ୟାପକ ହାରରେ ବିସ୍ଥାପନ, ଗ୍ରାମୀଣ ଦାରିଦ୍ର୍ୟର ସହରୀ ଦାରିଦ୍ର୍ୟକୁ ଅନ୍ତଃପ୍ରବାହକୁ ପ୍ରତିଫଳିତ କରୁଛି । ଆଦିବାସୀ ଅଞ୍ଚଳଗୁଡ଼ିକ ମଧ୍ୟ ଅନ୍ତୋନ୍ନତ ହୋଇଥା'ନ୍ତି । ଏଗୁଡ଼ିକ ଉଚ୍ଚ ଭୂମି ବା ପାର୍ବତ୍ୟ କ୍ଷେତ୍ରର ଦୂରବର୍ତ୍ତୀ ଅଞ୍ଚଳ ହୋଇଥା'ନ୍ତି । ଆଦିବାସୀ ଲୋକେ ସୀମିତ କୃଷି ଏବଂ ଚାରଣ କରିଥା'ନ୍ତି । ଉଦ୍ଭିଦ ଏବଂ ପଶୁମାନଙ୍କର ସୁରକ୍ଷା ଏବଂ ପ୍ରନ୍ନୋତି, ଆଦିବାସୀ ସଂସ୍କୃତି ଏବଂ ଐତିହ୍ୟରେ ସାଧାରଣ କଥା ଅଟେ । ମୋଟ ଭାରତୀୟ ଜନସଂଖ୍ୟାରେ ଆଦିବାସୀ ଜନସଂଖ୍ୟାର ଅଂଶ ପାଖାପାଖି 8 ଶତକଡ଼ା ଅଟେ । ପାହାଡ଼ିଆ ଅଞ୍ଚଳ ଗୁଡ଼ିକ ଅସମ ପଥୁରିଆ ଭୂ-ଆକୃତି, ଅଧିକାଂଶତଃ ବନସ୍ପତି ରହିତ, ଖରାପ ସୁଗମ୍ୟତା (Poor accessibility), ଜଳବାୟୁ ବାତାବରଣର ରୁକ୍ଷତା ଦ୍ୱାରା ଚିହ୍ନିତ ହୋଇଥାଆନ୍ତି । ଫଳସ୍ୱରୂପ ପାହାଡ଼ିଆ ଅଞ୍ଚଳ ଗୁଡ଼ିକରେ ସାଧାରଣ ସଂଯୁକ୍ତ ଚାରଣ ଭୂମି, ସୀମିତ କୃଷି, ଯୌଥ କର୍ମ ସମ୍ପାଦନର ପ୍ରଚଳନ ଏବଂ ବସ୍ତୁ ଓ ସେବା ଆଦାନ ପ୍ରଦାନର ବସ୍ତୁ -ବିନିମୟ ପ୍ରଥା ପ୍ରଚଳିତ ଅଛି । ପଛୁଆ ହୋଇଥିବା ବ୍ୟବସ୍ଥାରେ ମଧ୍ୟ ସମୁଦାୟ ଅତୁଟ, ସଂଗଠିତ ଏବଂ ସହଯୋଗୀ ହୋଇ ରହିଛି ।

## ପାଠଗତ ପ୍ରଶ୍ନଉତ୍ତର :

### 31.1

1. (କ) ଭୌଗଳିକ ବ୍ୟବସ୍ଥା

   (ଖ) ସାମାଜିକ - ଆର୍ଥିକ ଅବସ୍ଥା

   (ଗ) ଉନ୍ନୟନ ସ୍ତର / ବିକାଶାତ୍ମକ ସ୍ତର

2. (କ) କ୍ଷେତ୍ର ସର୍ବେକ୍ଷଣ ତଦନ୍ତର ନିର୍ଦ୍ଧାରିତ ନିୟମାବଳୀକୁ ଅନୁସରଣ କରଣ କରିଥାଏ ଏବଂ ସାଧାରଣତଃ ସୁବ୍ୟବସ୍ଥିତ ରିହଥାଏ, ମାତ୍ର ସ୍ଥିତି ଅଧ୍ୟୟନ, ବିଭିନ୍ନ ବିଷୟ ପାଇଁ ସମସ୍ୟା ବିନିର୍ଦ୍ଦିଷ୍ଟ ଆଭିମୁଖ୍ୟ ପୋଷଣ କରିଥାଏ ।

(ଖ) କ୍ଷେତ୍ର ସର୍ବେକ୍ଷଣ ଅଞ୍ଚଳ ଅଥବା ପରିସ୍ଥିତିର ସାଧାରଣ ପୃଷ୍ଠଭୂମି ବିଷୟ ଜ୍ଞାନ ପ୍ରଦାନ କରୁଥିବା ବେଳେ ସ୍ଥିତି ଅଧ୍ୟୟନ ସୁନିର୍ଦ୍ଦିଷ୍ଟ ବିଷୟ ସହ ସଂପୃକ୍ତ ହୋଇଥାଏ ଏବଂ ଅନୁସନ୍ଧାନର ପ୍ରସଙ୍ଗ କିମ୍ବା ବିଷୟ ଉପରେ ଅଧିକ ଅନ୍ତଦୃଷ୍ଟି ପ୍ରଦାନ କରିଥାଏ ।

3.(i) ବଜାର ଅଞ୍ଚଳ - ଯୋଜନାର ପ୍ରାଥମିକତା / ଅଗ୍ରାଧିକାର

(କ) ଗାଡ଼ି ରଖିବା ସ୍ଥାନର ବ୍ୟବସ୍ଥା

(ଖ) ଜନାକୀର୍ଣ୍ଣ ହ୍ରାସ କରିବା ପାଇଁ ବିକଳ୍ପ ବ୍ୟବସ୍ଥାର ଆୟୋଜନ

(ii) ପାହାଡ଼ିଆ ଅଞ୍ଚଳ - ଯୋଜନାର ପ୍ରାଥମିକତା

(କ) ପରିବହନର ବ୍ୟବସ୍ଥା

(ଖ) ପରିବେଶ ପୁନର୍ଜୀବନ / ପୁନର୍ଜନନ

## 32.2

1. (କ) ବଜାର

(ଖ) ନିୟମିତ ବଜାର

(ଗ) ସାପ୍ତାହିକ ହାଟ

(ଘ) ବିଶେଷିତ ବଜାର

2.(i) ଖୁଚୁରା ବଜାର - ବିଶେଷତ୍ୱ

(କ) ବିକ୍ରି ପାଇଁ ମାଲ୍‌ର ସଂଖ୍ୟା ଓ ବିବିଧତା ସୀମିତ ରହିଥାଏ ।

(ଖ) ଏହା ସ୍ଥାନୀୟ ଏବଂ ନିକଟବର୍ତ୍ତୀ ସ୍ଥାନ ଗୁଡ଼ିକୁ ସାମଗ୍ରୀ ଉପଲବ୍ଧ କରାଇଥାଏ ।

(ii) ପାଇକାରୀ ବଜାର - ବିଶେଷତ୍ୱ

(କ) ବିକ୍ରି ପାଇଁ ସାମଗ୍ରୀ ଗୁଡ଼ିକର ସଂଖ୍ୟା ଏବଂ ବିବିଧତାର ବହୁଳତା ଏବଂ ବିକଳ୍ପର ବିସ୍ତାର ଅଧିକ ହୋଇଥାଏ ।

(ଖ) କିଛି ଚୟନିତ ବିଶେଷିତ ସାମଗ୍ରୀ ଯାହା ବିଶାଳ ଅଞ୍ଚଳ / କ୍ଷେତ୍ର ଏବଂ ଜନସଂଖ୍ୟା ପାଇଁ ଉପଲବ୍ଧ ହୋଇଥାଏ ।

## 32.4

1. ଉପଯୁକ୍ତ ଶବ୍ଦାବଳୀ

(କ) ପ୍ରାୟ 8 ଶତକଡ଼ା

(ଖ) ଖୁବା

(ଗ) ପଶୁ

(ଘ) ଋତୁକାଳୀନ ପଶୁଚାରଣ

2. ଆଦିବାସୀ ସମୁଦାୟର ବିଶେଷତ୍ୱ :

(କ) ଉତ୍ପାଦରେ ପାରମ୍ପରିକ ଉପାୟ / ବିଧି

(ଖ) ସମୁଦାୟ ଦ୍ୱାରା ଚାରଣ ଭୂମି ଗୁଡ଼ିକର ଯୌଗ ଉପଯୋଜନ

(ଗ) ଉଦ୍ଭିଦ ଏବଂ ପଶୁ ଜୀବନର ସୁରକ୍ଷା ଏବଂ ପ୍ରନ୍ନୋତି ଆଦିବାସୀ ସଂସ୍କୃତି ଏବଂ ଐତିହ୍ୟର ଏକ ଅନ୍ତରଙ୍ଗ ଅଂଶ ଅଟେ ।

3. ଆଦିବାସୀ ଅଞ୍ଚଳ ଉନ୍ନୟନ ପାଇଁ ଯୋଜନା ପ୍ରାଥମିକତା ।

(କ) ସାମାଜିକ ସୁବିଧା ଏବଂ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ବ୍ୟବସ୍ଥା କରିବା

(ଖ) ହ୍ରଦ, ପୋଖରୀ, କୂଅ, ନଳକୂଅ ଏବଂ ଲଘୁ ଜଳଛାୟା ପ୍ରକଳ୍ପ ମାଧ୍ୟମରେ ଜଙ୍ଗଲ ପରିସଂସ୍ଥା, ସବୁଜ ଚାରଣ ଭୂମି ଏବଂ ବଣ ଭୂମିର ପୁନର୍ଜନନ କରିବା ।

(ଗ) ଜଙ୍ଗଲ, ପଶୁ ଏବଂ କୃଷି – ଉତ୍ପାଦ ଆଧାରିତ କ୍ଷୁଦ୍ରମାନର ପ୍ରକ୍ରିୟାକରଣ ଏକକ ସ୍ଥାପନ କରିବା ।

## 32.5

1. ଉପଯୁକ୍ତ ଶବ୍ଦ

(କ) ପାହାଡ଼ିଆ ଅଞ୍ଚଳ (ଖ) ଗୋମ୍ପା (ଗ) ଛକ୍‌ଯୋଡ଼୍ (ଘ) ବିକ୍ଷିପ୍ତ

2. ତାଲିକା I କୁ ତାଲିକା II ସହ ମିଳାଅ

| | | | |
|---|---|---|---|
| (କ) | (iii) | (ଖ) | (i) |
| (ଗ) | (iv) | (ଘ) | (ii) |

3. ପାହାଡ଼ିଆ ଅଞ୍ଚଳ ଉନ୍ନୟନ ପାଇଁ ପ୍ରସ୍ତାବିତ ଯୋଜନା

(କ) ମୌଳିକ ସୁବିଧା ଏବଂ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ବ୍ୟବସ୍ଥା କରିବା ।

(ଖ) ସ୍ଥାନୀୟ ଭାବେ ଉପଲବ୍ଧ କଞ୍ଚାମାଲ ଆଧାରରେ କୁଟୀର ଶିଳ୍ପକୁ ପ୍ରନ୍ନୋତି କରିବା ।

(ଗ) ପର୍ଯ୍ୟଟନର ବିକାଶ କରିବା

## ପାଠ୍ୟାନ୍ତ ପ୍ରଶ୍ନଗୁଡ଼ିକ ପାଇଁ ସଂକେତ / ଇସାରା

1. ଅନୁଚ୍ଛେଦ 32.1 ଦେଖ

2. ଅନୁଚ୍ଛେଦ 32.2 ଦେଖ

3. ଅନୁଚ୍ଛେଦ 32.3 ଦେଖ

4. ଅନୁଚ୍ଛେଦ 32.4 ଦେଖ

5. ଅନୁଚ୍ଛେଦ 32.4 ଦେଖ

6. ଅନୁଚ୍ଛେଦ 32.5 ଦେଖ